Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଲବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Vol - 22 ✦ Issue No:50 ✦ 9 June 2026 (Tuesday) ✦ Rourkela ✦ Rs.2.00 ✦ Page -1 ✦ ୨୨ ବର୍ଷ ✦ ସଂଖ୍ୟା:୫୦ ✦ ୯ ଜୁନ୍ ୨୦୨୬ (ମଙ୍ଗଳବାର) ✦ ରାଉରକେଲା ✦ ମୂଲ୍ୟ:ଟ.୨.୦୦ ✦ ପୃଷ୍ଠା-୧


# ପୁଣି ଥରେ ଭୟଙ୍କର ଯୁଦ୍ଧ ସ୍ଥିତି !

## ଇରାନ ଛାଡ଼ିବାକୁ ନାଗରିକଙ୍କୁ କହିଲା ଭାରତ

ନୂଆଦିଲ୍ଲୀ,୮/୬: ପଶ୍ଚିମ ଏସିଆରେ ପୁଣି ଥରେ ଭୟଙ୍କର ଯୁଦ୍ଧ ସ୍ଥିତି ଦେଖାଯାଇଛି । ସୋମବାର ଇରାନ ଓ ଇସ୍ରାଏଲ ପରସ୍ପର ଉପରେ ପୁଣି ଥରେ ଆକ୍ରମଣ କରିଛନ୍ତି । ମଧ୍ୟପ୍ରାଚ୍ୟରେ ସ୍ଥିତି ବିଗୁଡ଼ି ଥିବାରୁ ସୋମବାର ତେହେରାନରେ ଥିବା ଭାରତୀୟ ଦୂତାବାସ ଏକ ଜରୁରୀ ପରାମର୍ଶ ଜାରି କରି ଭାରତୀୟ ନାଗରିକମାନଙ୍କୁ ଇରାନ ଯାତ୍ରା ଏଡାଇବାକୁ ଓ ଦେଶରେ ପୂର୍ବରୁ ଥିବା ଲୋକମାନଙ୍କୁ ଉପଲବ୍ଧ ପରିବହନ ବିକଳ୍ପ ମାଧ୍ୟମରେ ଶୀଘ୍ର ସେଠାରୁ ଚାଲିଆସିବାକୁ କହିଛି । ପଶ୍ଚିମ ଏସିଆରେ ଦ୍ରୁତ ଗତିରେ ବିଗୁଡୁଥିବା ସୁରକ୍ଷା ପରିସ୍ଥିତି ଓ ଗତ ୨୪ ଘଣ୍ଟା ମଧ୍ୟରେ ଦେଖାଦେଇଥିବା ସ୍ଥିତି ପରେ ଭାରତ ପକ୍ଷରୁ ନାଗରିକଙ୍କୁ ଏହି ପରାମର୍ଶ ଜାରି କରାଯାଇଛି । ଯୁଦ୍ଧବିରତି ସତ୍ତ୍ୱେ ଗତ କିଛି ଦିନ ହେଲା କ୍ଷେପଣାସ୍ତ୍ର ବିନିମୟ, ରଣନୈତିକ ଲକ୍ଷ୍ୟସ୍ଥଳ ଉପରେ ବିମାନ ଆକ୍ରମଣ ଓ ଇସ୍ରାଏଲ ଓ ଇରାନ ପରସ୍ପର ଉପରେ ଆକ୍ରମଣ ଯୋଗୁ ଇରାନ ସ୍ଥିତ ଭାରତୀୟ ଦୂତାବାସ ସମସ୍ତ ଭାରତୀୟଙ୍କୁ ଇରାନ ଯାତ୍ରା ନକରିବାକୁ ପରାମର୍ଶ ଦେଇଛି । ଯେଉଁ ଭାରତୀୟ ନାଗରିକ ଇରାନରେ ଅଛନ୍ତି ସେମାନଙ୍କୁ କୌଣସି ପ୍ରକାର ତୁରନ୍ତ ସେଠାରୁ ଚାଲି ଆସିବାକୁ କୁହାଯାଇଛି । ଫେବ୍ରୁଆରି ୨୮ରେ ଇରାନ-ଆମେରିକା ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଭାରତ ପକ୍ଷରୁ ଏହାର ନାଗରିକଙ୍କ ପାଇଁ ଅନେକ ଥର ପରାମର୍ଶ ଜାରି କରାଯାଇଛି । ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ଚାଲିଥିବା ସମୟରେ ରବିବାର ରାତିରେ ଇରାନ ଇସ୍ରାଏଲ ଉପରେ ଆକ୍ରମଣ କରିଛି । ଲେବାନନ୍ ଉପରେ ଇସ୍ରାଏଲର ଆକ୍ରମଣ ଜବାବରେ ଏହି ଆକ୍ରମଣ କରାଯାଇଥିବା ବୋଲି ଇରାନ କହିଛି ।

# ଭତାକୁ ନେଇ ମନ୍ତ୍ରୀଙ୍କ ବଡ଼ ଅପଡେଟ :

## ସପ୍ତାହ ଭିତରେ ସମସ୍ୟାର ସମାଧାନ ଆଶା

ଭୁବନେଶ୍ୱର,୮/୬ (ନି/ପ୍ର):ଏକ ସପ୍ତାହ ଭିତରେ ଭତା ସମସ୍ୟାର ସମାଧାନ ହେବ । ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ, ଏହା ସବୁ ରାଜ୍ୟର ସମସ୍ୟା । ସଫ୍ଟୱେରରେ କିଛି ପରିବର୍ତ୍ତନ ହେଉଛି । କାମ ଶୀଘ୍ର ସରିଯିବ ଏବଂ ଆମେ ଆଶା କରୁଛୁ ଏକ ସପ୍ତାହ ଭିତରେ ଏଥିରେ ସୁଧାର ଆସିବ । ଏବଂ ପରବର୍ତ୍ତି ସମୟରେ ଲୋକଙ୍କର ଯେତିକି ବକେୟା ଟଙ୍କା ଥିବ ସେସବୁକୁ ଏକାଥରେ ପାଇପାରିବେ । ଏନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ଆଉ ସାତ ଦିନ ମଧ୍ୟରେ ଭତ୍ତା ସମସ୍ୟାର ସମାଧାନ ହେବ । ଏଣିକି ସିଧାସଳଖ ହିତାଧିକାରୀଙ୍କ ଆକାଉଣ୍ଟକୁ ଭତା ଟଙ୍କା ଯିବ । ଆଜି ସାମାଜିକ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ଭତାକୁ ନେଇ କେନ୍ଦ୍ର ସରକାରଙ୍କର କିଛି ବୈଷୟିକ ଅସୁବିଧା ଥିଲା । ଏଣିକି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଏସ ଏନଏସ ସ୍ୱର୍ଣ୍ଣ ମାଧ୍ୟମରେ ଆକାଉଣ୍ଟ ଭେଟିଙ୍ଗ ଚାଲିଛି । ଯାହା ମାଧ୍ୟମରେ ଆଇଏଫଏମଏସ ସେବା ମାଧ୍ୟମରେ ରିଏଲ ଟାଇମ ପେମେଣ୍ଟ ହେବ । ସେଥିପାଇଁ ଭତା ପ୍ରଦାନରେ ଅସୁବିଧା ରହୁଛି । ଆଉ ସାତ ଦିନ ମଧ୍ୟରେ ଆକାଉଣ୍ଟ ଭେଟିଙ୍ଗ ହୋଇଗଲା ପରେ ଭତା ସମସ୍ୟା ଆଉ ରହିବ ନାହିଁ । ଏକସଙ୍ଗେ ହିତାଧିକାରୀଙ୍କୁ ଭତା ମିଳିଯିବ ବୋଲି ହିତାଧିକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ମନ୍ତ୍ରୀ ।

## ଗିରଫ ବାବୁଙ୍କ ଘରୁ ବାହାରିଲାଣି ୧କେଜିରୁ ଉର୍ଦ୍ଧ୍ୱ ସୁନା

ଭୁବନେଶ୍ୱର,୮/୬(ନି/ପ୍ର): ଆୟବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ବାଲିଗୁଡ଼ା ଆଇଟିଡିଏର କୋଟିପତି ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠନାଥ ବେହେରାଙ୍କ ଘରୁ ବାହାରିଲାଣି ୧ କେଜିରୁ ଉର୍ଦ୍ଧ୍ୱ ଓଜନର ସୁନା । ସୂଚନା ଅନୁସାରେ, ଶ୍ରୀ ବେହେରାଙ୍କୁ ଗତକାଲି ଗିରଫ କରାଯିବା ପରେ ତାଙ୍କର ସମସ୍ତ ସମ୍ପତ୍ତି ଖୋଜାଖୋଜି କରୁଛି ଭିଜିଲାନ୍ସ । ଚାଲିଥିବା ଖୋଜାଖୋଜିରେ, ଆଜି ପଟ୍ଟମ ବ୍ୟାଙ୍କ ଲକର ଖୋଜାଖୋଜି ହୋଇଥିଲା । ଲକରରୁ ୭୦୩ ଗ୍ରାମ ଓଜନର ସୁନା ଅଳଙ୍କାର ଏବଂ ୩୭୫ ଗ୍ରାମ ରୂପା ଅଳଙ୍କାର ଉଦ୍ଧାର କରାଯାଇଛି । ଆଜିର ଉଦ୍ଧର ସୁନାକୁ ମିଶାଇ ମୋଟ ୧.୨୫୫ କିଲୋଗ୍ରାମ ସୁନା ଉଦ୍ଧାର ହୋଇଛି । ତଦନ୍ତ ଏବେ ମଧ୍ୟ ଜାରି ରହିଥିବା ଭିଜିଲାନ୍ସ ସୂଚନା ଦେଇଛି ।

## ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ହେଲିକପ୍ଟରର ଜରୁରୀ ଅବତରଣ

ଭୁବନେଶ୍ୱର,୮/୬(ନି/ପ୍ର): ଭୁବନେଶ୍ୱରରେ ହଠାତ୍ ସୃଷ୍ଟିହୋଇଥିବା ବର୍ଷା ଓ ପବନ ଯୋଗୁଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ନେଇ ଆସୁଥିବା ହେଲିକପ୍ଟର ପୁରୀର ସମଙ୍ଗ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ନିକଟ ହେଲିପ୍ୟାଡ୍‌ରେ ଜରୁରୀ ଅବତରଣ କରିଛନ୍ତି । ସୁରକ୍ଷିତ ଭାବେ ଅବତରଣ କରିଛନ୍ତି ଠାରୁ ଭୁବନେଶ୍ୱର ସେ ସଡ଼କ ପଥରେ ଆସିବାକୁ ଯୋଜନା ହୋଇଥିଲା । ତେବେ ପୁରୀରେ ମଧ୍ୟ ପ୍ରବଳ ବର୍ଷା ଓ ପବନ ଆରମ୍ଭ ହୋଇଯାଇଥିବାରୁ ସେଠାରୁ ପୁରୀର ସର୍କିଟ୍ ହାଉସ୍‌କୁ ମୁଖ୍ୟମନ୍ତ୍ରୀଙ୍କୁ ଆଣିବାକୁ ଆଲୋଚନା ଚାଲିଛି । ସେଠାରେ କିଛି ସମୟ ବିଶ୍ରାମ କରିବା ପରେ ଭୁବନେଶ୍ୱର ଗସ୍ତ ନେଇ ନିଷ୍ପତି ନିଆଯିବ ବୋଲି ସରକାରୀ ସୂତ୍ରରୁ ଜଣାଯାଇଛି ।

### ଏସଟିଏଫ୍ ପଞ୍ଝାରେ ଫେରାର ଟିଏମସି ନେତା ଜହାଙ୍ଗୀର ଖାନ୍

## ନେପାଳ ବର୍ଡରରୁ ଗିରଫ

କୋଲକାତା, ୮।୬: ପଶ୍ଚିମବଙ୍ଗ ରାଜନୀତିରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି । ପଶ୍ଚିମବଙ୍ଗ ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ) କୁ ମିଳିଛି ଏକ ବଡ଼ ସଫଳତା । ଫାଲ୍ଟା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବ୍ୟାପକ ହିଂସାକାଣ୍ଡ ଘଟାଇ ଦୀର୍ଘ ଦିନ ଧରି ଫେରାର ଥିବା ତୃଣମୂଳ କଂଗ୍ରେସ ନେତା ଜହାଙ୍ଗୀର ଖାନଙ୍କୁ ଏସଟିଏଫ ଗିରଫ କରିଛି । ଭାରତ-ନେପାଳ ସୀମା ନିକଟରୁ ତାଙ୍କୁ କାବୁ କରାଯାଇଥିବା ସୂଚନା ମିଳିଛି । ଟିଏମସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଅତ୍ୟନ୍ତ ସ୍ନେହଭାଜନ କୁହାଯାଉଥିବା ଜହାଙ୍ଗୀରଙ୍କ ଗିରଫଦାରୀ ଏବେ ରାଜ୍ୟ ରାଜନୀତିକୁ ଗରମ କରିଦେଇଛି । ନିର୍ବାଚନ ସମୟରେ ଜାହାଙ୍ଗୀର ଖାନ୍ ନିଜର ଦବଙ୍ଗଗିରି ଏବଂ ବିବାଦୀୟ ବୟାନ ପାଇଁ ବେଶ୍ ଚର୍ଚ୍ଚାରେ ଥିଲେ । ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିବା ଦକ୍ଷ ଆଇପିଏସ୍ ଅଫିସର ଅଜୟପାଲ ଶର୍ମାଙ୍କ ସହ ତାଙ୍କର ତୀବ୍ର ବିବାଦ ହୋଇଥିଲା । ଆଇପିଏସ୍ ଶର୍ମାଙ୍କ କଡ଼ା ଆଭିମୁଖ୍ୟ ପରେ ଜହାଙ୍ଗୀର ଖାନ୍ ଖୋଲାଖୋଲି ଭାବେ ଚ୍ୟାଲେଞ୍ଜ ଦେଇ କହିଥିଲେ, 'ଯଦି ଅଜୟପାଲ ଶର୍ମା ସିଙ୍ଘମ୍, ତେବେ ମୁଁ ହେଉଛି ପୁଷ୍ପା... ପୁଷ୍ପା କେବେ ଝୁକିବ ନାହିଁ ।' ଏହି ବୟାନ ପରେ ସ୍ଥାନୀୟ ଅଂଚଳରେ ଲୋକେ ତାଙ୍କୁ 'ଫାଲ୍ଟାର ପୁଷ୍ପା' ବୋଲି କହିବା ଆରମ୍ଭ କରିଥିଲେ । ଫାଲ୍ଟା ନିର୍ବାଚନ ସମୟରେ ଜହାଙ୍ଗୀର ଖାନଙ୍କ ବିରୋଧରେ ଇଭିଏମ୍ ମେସିନ ସହିତ ଛେଡ଼ଛାଡ଼ କରିବା ଏବଂ ବ୍ୟାପକ ହିଂସା ସୃଷ୍ଟି କରିବା ଭଳି ଗୁରୁତର ଅଭିଯୋଗ ଆସିଥିଲା । ହିଂସା ଏତେ ଉଗ୍ର ରୂପ ନେଇଥିଲା ଯେ ନିର୍ବାଚନ କମିଶନଙ୍କୁ ସେଠାରେ ଭୋଟ୍ ଗ୍ରହଣ ସ୍ଥଗିତ ରଖିବାକୁ ପଡ଼ିଥିଲା ଏବଂ ପରେ ନିର୍ବାଚନକୁ ରଦ୍ଦ କରିଦିଆଯାଇଥିଲା । ଏହାପରେ ମେ ୨୬ ରେ ସେଠାରେ ପୁନଃ ମତଦାନ ହୋଇଥିଲା ।

## ଟ୍ରମ୍ପଙ୍କ ମନା ସତ୍ତ୍ୱେ ଇରାନ ଉପରେ ଆକ୍ରମଣ କଲେ ନେତାନ୍ୟାହୁ

ଜେରୁଜେଲମ/ତେହେରାନ,୮/୬: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନା ସତ୍ତ୍ୱେ, ଇସ୍ରାଏଲୀ ବାୟୁସେନା ଇରାନ ଉପରେ ଏକ ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ସୋମବାର ସକାଳେ ମିଳିଥିବା ରିପୋର୍ଟ ଅନୁସାରେ, ଇସ୍ରାଏଲ ଅନେକ ଇରାନ ସହର ଏବଂ ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି । ରବିବାର ବିଳମ୍ବିତ ରାତିରେ ଇସ୍ରାଏଲ ଉପରେ ଇରାନର ଆକ୍ରମଣର ଜବାବରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ରବିବାର ରାତିରେ ଇରାନ ଇସ୍ରାଏଲ ଆଡ଼କୁ ୧୧ଟି କ୍ଷେପଣାସ୍ତ୍ର ମାଡ଼ କରିଥିଲା, ଯାହା ଏପ୍ରିଲ ୮ ଅସ୍ତ୍ରବିରତି ପରେ ଇରାନର ପ୍ରଥମ ସିଧାସଳଖ ଆକ୍ରମଣ । ଟ୍ରମ୍ପ କହିଥିଲେ ଯେ ଉଭୟ ପକ୍ଷ ନିଜସ୍ୱ ପଦକ୍ଷେପ ନେଇଛନ୍ତି ଏବଂ ଆହୁରି ଆକ୍ରମଣ ଅନାବଶ୍ୟକ । ସେ ଏକ ଆଲୋଚନାମୂଳକ ସମାଧାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ତଥାପି, ଇସ୍ରାଏଲ ଆମେରିକାର ଆବେଦନକୁ ଅଣଦେଖା କରିଛି । ବିଦେଶୀ ଗଣମାଧ୍ୟମ ଏବଂ ସ୍ଥାନୀୟ ସୂତ୍ର ଅନୁଯାୟୀ, ଇରାନ ଆକ୍ରମଣ ପରେ ତୁରନ୍ତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଫୋନ୍ କରି ପ୍ରତିଶୋଧ ନ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଟ୍ରମ୍ପଙ୍କ ପ୍ରୟାସ ଏହି ଅଂଚଳରେ ଏକ ବଡ଼ ସଂଘର୍ଷକୁ ଏଡାଇବା ପାଇଁ ଥିଲା, କିନ୍ତୁ ଇସ୍ରାଏଲ ନିଜର ସୁରକ୍ଷା ଏବଂ ସାର୍ବଭୌମତ୍ୱର କାରଣ ଦର୍ଶାଇ ଏହି ନିର୍ଦ୍ଦେଶଗୁଡ଼ିକୁ ଅଣଦେଖା କରି ପ୍ରତିଶୋଧମୂଳକ ବିମାନ ଆକ୍ରମଣ କରିଛି ଏହି ସାମରିକ କାର୍ଯ୍ୟାନୁଷ୍ଠାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଇସ୍ରାଏଲୀ ବାୟୁସେନା ଇରାନ ଆକାଶ ସୀମାରେ ପ୍ରବେଶ କରିନାହିଁ । ସୂତ୍ର ଅନୁଯାୟୀ, ଇସ୍ରାଏଲୀ ଲଢୁଆ ବିମାନଗୁଡ଼ିକ ଇରାନ ରାଡାର ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଏଡ଼ାଇ ଦେଇ ଇରାନ କ୍ଷେତ୍ର ବାହାରୁ ଦୂରଗାମୀ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲେ । ଇରାନ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରିବାର ମାତ୍ର କିଛି ଘଣ୍ଟା ପରେ ଇସ୍ରାଏଲୀ ବାୟୁସେନା ତେହେରାନ ଉପରେ ଆକ୍ରମଣ କରିଛି । ଆଇଡିଏଫ୍ କହିଛି ଯେ, ଇସ୍ରାଏଲୀ ବାୟୁସେନା ପଶ୍ଚିମ ଏବଂ କେନ୍ଦ୍ରୀୟ ଇରାନରେ ସାମରିକ ଘାଟି ଉପରେ ଆକ୍ରମଣ କରିଛି । ସ୍ଥାନୀୟ ଇରାନୀ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ତେହେରାନ, ତାବ୍ରିଜ୍ ଏବଂ ଇସ୍ଫାହାନରେ ବିସ୍ଫୋରଣର ଶବ୍ଦ ଶୁଣାଯାଇଛି । ଇସ୍ରାଏଲୀ ବିମାନ ଆକ୍ରମଣ ପରେ, ଇରାନ ରାଜଧାନୀ ତେହେରାନର ଇମାମ ଖୋମେନି ଅନ୍ତର୍ଜାତୀୟ ବିମାନବନ୍ଦର ଚାରିପାଖରେ ଥିବା ଆକାଶ ମାର୍ଗକୁ ବନ୍ଦ କରିଦେଇଛି । ଖୋମେନି ବିମାନବନ୍ଦର ହେଉଛି ଦେଶର ପ୍ରମୁଖ ବିମାନବନ୍ଦର । ଇରାନ ପକ୍ଷରୁ ଇସ୍ରାଏଲୀ ଆକ୍ରମଣକୁ ନିର୍ଣ୍ଣିତ କରାଯାଇଛି । ଇସ୍ରାଏଲୀ ସେନା ମଧ୍ୟ ଏବଂ ଦକ୍ଷିଣ ଇରାନ ଉପରେ ଆକ୍ରମଣ କରିଛି । ଇସ୍ରାଏଲ ତେହେରାନର ମେହରାବାଦ ବିମାନବନ୍ଦରରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିଛି ଏବଂ ନଜାଫାବାଦରେ ଏକ ଡ୍ରୋନ୍ ଉତ୍ପାଦନ ୟୁନିଟ୍ ଉପରେ ମଧ୍ୟ ଆକ୍ରମଣ କରିଛି । ଇସଲାମିକ ରିଭଲ୍ୟୁସନରୀ ଗାର୍ଡ କର୍ପସ (ଆଇଆରଜିସି) ଏକ ବିବୃତିରେ କହିଛି ଯେ ଇସ୍ରାଏଲ ଆକାଶ ମାର୍ଗରୁ ନିକ୍ଷେପ କରାଯାଇଥିବା ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଇରାନ ଭିତରେ ଅନେକ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିଛି । ଇରାନର ସରକାରୀ ଗଣମାଧ୍ୟମ ତେହେରାନ, ତାବ୍ରିଜ୍ ଏବଂ ଇସଫାହାନରେ ବିସ୍ଫୋରଣ ହୋଇଥିବା ରିପୋର୍ଟ କରିଛି ।

## ଇସ୍ରାଏଲରେ ଆତଙ୍କବାଦୀ ଆକ୍ରମଣ

### ୧ ମୃତ, ୫ ଆହତ

ଜେରୁଜେଲମ୍,୮/୬: ଇସ୍ରାଏଲ୍‌ର ପଶ୍ଚିମ ବ୍ୟାଙ୍କ୍ ସୀମା ନିକଟରେ ରବିବାର ଏକ ଆତଙ୍କବାଦୀ ଆକ୍ରମଣ ଘଟିଛି । ଜଣେ ବନ୍ଧୁକଧାରୀ ଦୁର୍ବୃତ୍ତ ଚଳନ୍ତା କାରରୁ ଅତର୍କିତ ଗୁଳିଚାଳନା କରିବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ପରେ ପୁଲିସ ଗୁଳିରେ ଆକ୍ରମଣକାରୀ ଜଣଙ୍କ ପ୍ରାଣ ହରାଇଛି । ଆକ୍ରମଣକାରୀ ଜଣକ ନିଜ ଗାଡ଼ି ଭିତରେ ରହି ମାତ୍ର କେଇ ମିନିଟ୍ ମଧ୍ୟରେ ଅଲଗା ଅଲଗା ସ୍ଥାନକୁ ଯାଇ ଗୁଳିମାଡ଼ କରିଥିଲା । ଇସ୍ରାଏଲର ପଶ୍ଚିମ ବ୍ୟାଙ୍କ୍ ସୀମାବର୍ତ୍ତୀ ଅଂଚଳରେ ଥିବା କୋଖାଭ୍ ୟାଏରର ଏକ ପେଟ୍ରୋଲ ପମ୍ପ ନିକଟରେ ପ୍ରଥମେ ଗୁଳିକାଣ୍ଡ ହୋଇଥିଲା । ଏହାପରେ ଦୁର୍ବୃତ୍ତ ଜଣକ ନିକଟବର୍ତ୍ତୀ ସହର ତସୁର ନାତନ ଏବଂ ତସୁର ୟିସହାକ ଅଂଚଳରେ ମଧ୍ୟ ଆଖିବୁଜା ଗୁଳି ଚଳାଇଥିଲା । ଏହା ପରେ ପୁଲିସ ଆକ୍ରମଣକାରୀ ଜଣଙ୍କୁ ପିଛା କରିଥିଲା ଓ ପୁଲିସର କାର୍ଯ୍ୟାନୁଷ୍ଠାନରେ ଆକ୍ରମଣକାରୀ ଜଣଙ୍କ ପ୍ରାଣ ହରାଇଥିଲା । ଇସ୍ରାଏଲର ଜରୁରୀକାଳୀନ ସେବା ସଂସ୍ଥା 'ମାଗେନ ଡେଭିଡ୍ ଆଡମ' କହିବା ଅନୁଯାୟୀ ଆହତଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ।

ଆକ୍ରମଣ ପରେ ସ୍ଥାନୀୟ ଅଂଚଳରେ ଆତଙ୍କ ଖେଳିଯାଇଥିଲା । ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ବାସିନ୍ଦାଙ୍କୁ ଘରୁ ନବାହାରିବାକୁ ଏବଂ ସ୍କୁଲ ପିଲାମାନଙ୍କୁ ପ୍ରାୟ ୩ ଘଣ୍ଟା ପର୍ଯ୍ୟନ୍ତ ଶ୍ରେଣୀଗୃହ ଭିତରେ ହିଁ ଲକଡାଉନ୍ କରି ରଖାଯାଇଥିଲା । ଇସ୍ରାଏଲ ପୁଲିସର ସୂଚନା ଅନୁଯାୟୀ ଆକ୍ରମଣକାରୀ ଜଣକ ଇସ୍ରାଏଲର ନାଗରିକତ୍ୱ ହାସଲ କରିଥିବା ଜଣେ ପାଲେଷ୍ଟିନୀୟ ।

### ଝଡ଼ବର୍ଷାରେ ଦିଲ୍ଲୀର ଆଇଜିଆଇ ବିମାନବନ୍ଦରରେ ଏୟାର ଇଣ୍ଡିଆର ତିନୋଟି ବିମାନ କ୍ଷତିଗ୍ରସ୍ତ:

# ସୁରକ୍ଷା ଉପରେ ପ୍ରଶ୍ନ ଉଠିଲା

ନୂଆଦିଲ୍ଲୀ,୮/୬: ରାଜଧାନୀ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏୟାର ଇଣ୍ଡିଆରତିନୋଟି ବିମାନ କ୍ଷତିଗ୍ରସ୍ତ ହୋଇଛି । ସୂତ୍ର ଅନୁସାରେ, ଜୁନ୍ ୭ ତାରିଖ ରବିବାର ଅପରାହ୍ନରେ ହଠାତ୍ ଝଡ଼ ଏବଂ ବର୍ଷା ଯୋଗୁଁ ଟର୍ମିନାଲ ୨ରେ ଥିବା ଭୂମି ସହାୟକ ଉପକରଣଗୁଡ଼ିକ ଖସିପଡ଼ି ବିମାନ ସହିତ ମାଡ଼ ହୋଇଥିଲା ।ବିମାନବନ୍ଦରସୂତ୍ର ଅନୁଯାୟୀ, ଅପରାହ୍ନ ପ୍ରାୟ ୪:୪୦ ସମୟରେ ହଠାତ୍ ପ୍ରବଳ ଝଡ଼ବର୍ଷା ହୋଇଥିଲା । ଏହି ଘଟଣା ସମୟରେ, ଏକ ପାହାଚ ସିଡ଼ି ଏବଂ ଏକ ଟ୍ରେସଲ୍ ଖସିପଡ଼ି ତିନୋଟି ଏୟାର ଇଣ୍ଡିଆ ବିମାନ ସହିତ ମାଡ଼ ହୋଇଥିଲା । ଏହି ଘଟଣା ପରେ, ବିମାନଗୁଡ଼ିକୁ ତୁରନ୍ତ ଯାଞ୍ଚ ପାଇଁ ଗ୍ରାଉଣ୍ଡ କରିଦିଆଯାଇଥିଲା । ଏହି ଘଟଣାର ଖବର ପାଣିପାଗ ବିଭାଗ ଏବଂ ବିମାନବନ୍ଦର ସୁରକ୍ଷା ଉପରେ ଅନେକ ପ୍ରଶ୍ନ ଉଠାଇଛି । ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ଅନୁଯାୟୀ , ଏହି ଘଟଣା ସମୟରେ ଗୋଟିଏ ବିମାନ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଛି । ବିମାନର ମରାମତି ପାଇଁ କିଛି ଦିନ ସମୟ ଲାଗିବ ବୋଲି ଆଶା କରାଯାଉଛି, କିନ୍ତୁ ବାକି ଦୁଇଟି ବିମାନ ସପ୍ତାହ ମଧ୍ୟରେ ଉଡ଼ାଣ ସେବାକୁ ଫେରିବ ବୋଲି ଆଶା କରାଯାଉଛି । ଏହି ଘଟଣା ପ୍ରଶ୍ନ ଉଠାଇଛି ଯେ ଝଡ଼ ପୂର୍ବରୁ କାହିଁକି କୌଣସି ପାଣିପାଗ ସତର୍କ ସୂଚନା ଜାରି କରାଯାଇ ନଥିଲା । ଏପରି ପାଗ ସମ୍ପର୍କରେ ସାଧାରଣତଃ ପୂର୍ବରୁ ରିପୋର୍ଟ କରାଯାଇଥାଏ । ଏହି ଘଟଣା ଗୁରୁତର ସୁରକ୍ଷା ଚିନ୍ତା ସୃଷ୍ଟି କରିଛି । ବିମାନବନ୍ଦରର ସିଡ଼ି, ଟ୍ରେସଲ୍ ଏବଂ ଅନ୍ୟାନ୍ୟ ଉପକରଣଗୁଡ଼ିକୁ ସୁରକ୍ଷିତ ଭାବେ ରଖାଯାଇଥାଏ । ଯାହାଦ୍ୱାରା ପ୍ରବଳ ପବନରେ ବିମାନର କୌଣସି କ୍ଷତି ଯେପରି ନହେବ । ତେବେ ଏହି ଘଟଣା ପୁଣି ଥରେ ବିମାନବନ୍ଦରର ପାଣିପାଗ ପୂର୍ବାନୁମାନ ପ୍ରଣାଳୀ ଏବଂ ଗ୍ରାଉଣ୍ଡ ପରିଚାଳନା ଉପକରଣର ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି ।

## ବିଶ୍ୱର ସବୁଠାରୁ ଶସ୍ତା ରନ୍ଧନ ଗ୍ୟାସ୍ ପାଉଥିବା ଦେଶ ମଧ୍ୟରେ ଭାରତ

ନୂଆଦିଲ୍ଲୀ,୮/୬: ଭାରତୀୟମାନେ ବିଶ୍ୱରେ ରନ୍ଧନ ଗ୍ୟାସର ସର୍ବନିମ୍ନ ଉପଭୋକ୍ତାଙ୍କ ମଧ୍ୟରେ ଅଛନ୍ତି । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମୟୁୱାଇ) ର ହିତାଧିକାରୀମାନେ ଫଳପ୍ରଦ ଭାବେ ୬୪୨ ଟଙ୍କାରେ ୧୪.୨୦ କିଲୋଗ୍ରାମର ଏଲପିଜି ସିଲିଣ୍ଡର ପାଉଛନ୍ତି । ଦିଲ୍ଲୀର ସାଧାରଣ ଗ୍ରାହକମାନେ ୯୪୨ ଟଙ୍କାରେ ସିଲିଣ୍ଡର କିଣୁଥିବାବେଳେ ବର୍ତ୍ତମାନର ଆନ୍ତର୍ଜାତୀୟ ପରିସ୍ଥିତିରେ ଏକ ସିଲିଣ୍ଡରର ଯୋଗାଣ ମୂଲ୍ୟ ୧,୬୦୦ ଟଙ୍କା ଅତିକ୍ରମ କରିଛି । ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ରବିବାର କହିଛି ଯେ ପ୍ରଥମ ଚାରୋଟି ରିଫିଲରେ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ସିଲିଣ୍ଡର ପିଛା ୩୦୦ ଟଙ୍କା ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ସହାୟତା ପ୍ରଦାନ କରାଯାଇଛି । ଏହିପରି, ସେମାନେ ବାର୍ଷିକ ୧,୨୦୦ ଟଙ୍କା ସହାୟତା ପାଆନ୍ତି । ଅଣ-ଉଜ୍ଜ୍ୱଳା ଗ୍ରାହକମାନେ ମଧ୍ୟ ବଜାର ମୂଲ୍ୟଠାରୁ ପ୍ରାୟ ୭୦୦ ଟଙ୍କା କମ୍ ମୂଲ୍ୟରେ ସିଲିଣ୍ଡର ପାଉଛନ୍ତି ।

## ଫିଲିପାଇନ୍ସରେ ୩ଥର ଭୂମିକମ୍ପ :

### ରିକ୍ଟର ସ୍କେଲରେ ତୀବ୍ରତା ଥିଲା ୭.୭

ମନିଲା,୮/୬: ଫିଲିପାଇନ୍ସରେ ସୋମବାର ଭୋର ସକାଳୁ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି । ମାତ୍ର ଗୋଟିଏ ଘଣ୍ଟା ମଧ୍ୟରେ ପୃଥିବୀ ତିନିଥର କମ୍ପି ଉଠିଛି । ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୭.୭ ମାପ କରାଯାଇଛି । ଫିଲିପାଇନ୍ସ ଦ୍ୱୀପ ମିଣ୍ଡାନାଓରେ ଭୂମିକମ୍ପ ଝଟକା ଦେଇଥିଲା । ଫଳରେ ଫିଲିପାଇନ୍ସଏବଂ ଇଣ୍ଡୋନେସିଆର କିଛି ଅଂଶ ପାଇଁ ସୁନାମି ସତର୍କତା ଜାରି କରାଯାଇଛି । ନ୍ୟାସନାଲ୍ ସେଣ୍ଟର ଫର୍ ସିସମୋଲୋଜି ଅନୁଯାୟୀ ଫିଲିପାଇନ୍ସରେ ଗୋଟିଏ ଘଣ୍ଟା ମଧ୍ୟରେ ତିନୋଟି ଭୂମିକମ୍ପ ଅନୁଭୂତ ହୋଇଥିଲା । ପ୍ରଥମ ଭୂମିକମ୍ପ ସକାଳ ୫ଟା୦୭ ରେ ହୋଇଥିଲା ଏବଂ ଏହାର ତୀବ୍ରତା ରିକ୍ଟର ସ୍କେଲରେ ୭.୭ ଥିଲା । ଦ୍ୱିତୀୟ ଭୂମିକମ୍ପ ସକାଳ ୫ଟା ୧୮ରେ ହୋଇଥିଲା ଏବଂ ଏହାର ତୀବ୍ରତା ରିକ୍ଟର ସ୍କେଲରେ ୬.୪ ଥିଲା । ତୃତୀୟ ଭୂମିକମ୍ପ ସକାଳ ୬ଟା ୨୫ରେ ହୋଇଥିଲା ଏବଂ ଏହାର ତୀବ୍ରତା ରିକ୍ଟର ସ୍କେଲରେ ୬.୬ ଥିଲା । ଅଲ୍ ଜାଜିରାର ରିପୋର୍ଟ ଅନୁଯାୟୀ, ଫିଲିପାଇନ୍ସ ନିକଟରେ ହୋଇଥିବା ବିଶାଳ ଭୂମିକମ୍ପ ପରେ ଜାପାନ ଏହାର ପ୍ରଶାନ୍ତ ମହାସାଗର ଉପକୂଳର କିଛି ଅଂଶ ପାଇଁ ସୁନାମି ଚେତାବନୀ ଜାରି କରିଛି । ପାଣିପାଗ ବିଭାଗ ଆକଳନ କରିଛି ଯେ ଜାପାନର କିଛି ଅଂଚଳରେ ଏକ ମିଟର ଉଚ୍ଚତା ପର୍ଯ୍ୟନ୍ତ ଲହଡ଼ି ଉଠିପାରେ ।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# ଆମ୍ବ ତୋଳିବା ହେଲା କାଳ ବୃଦ୍ଧାଙ୍କୁ କଚାଡି ମାରିଲା ହାତୀ

ଆନନ୍ଦପୁର,୮/୬(ନି/ପ୍ର): ତୋଟାରୁ ଆମ୍ବ ତୋଳିବା ହେଲା କାଳ। ଆମ୍ବ ଗୋଟାଇବା ବେଳେ ହାତୀ ହାବୁଡରେ ପଡିଲେ ବୃଦ୍ଧା । ବୃଦ୍ଧାଙ୍କୁ କଚାଡି ମାରିଲା ହାତୀ । ଆନନ୍ଦପୁର ଥାନା ଫକିରପୁ ଗାଁ କଜଳେଇ ତୋଟାରେ ଏଭଳି ଅଘଟଣ ଘଟିଛି ମୃତା ବୃଦ୍ଧା ଫକିରପୁର ଗାଁର ମଞ୍ଜୁ ନାଥ । ଶନିବାର ସକାଳୁ ଏହି ଅଂଚଳରେ ହାତୀ ଉପଦ୍ରବ ମଚାଇଥିଲା । ଲୋକେ ବନବିଭାଗର ସହାୟତାରେ ହାତୀକୁ ଘଉଡାଇଥିଲେ । ହେଲେ ମଞ୍ଜୁଙ୍କ ସମ୍ପର୍କରେ କେହି ଜାଣିପାରି ନଥିଲେ । ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିବାରୁ ତୋଟାରେ ମଞ୍ଜୁଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା । ପରିବାର ଲୋକେ ପଲିସ୍ ଓ ବନବିଭାଗ କୁ ଖବର ଦେବାପରେ ବନବିଭାଗ କର୍ମଚାରୀ ମାନେ ଆସି ଘଟଣା ସ୍ଥଳରୁ ତଦନ୍ତ ଆରମ୍ଭ କରିଛନ୍ତି । ଅନ୍ୟପଟେ ହାତୀ ଆକ୍ରମଣର ଶିକାର ହୋଇ ଅନ୍ୟଜଣେ ମହିଳା ମଧ୍ୟ ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି । ଆହତ ମହିଳା ଯସୋଦା ମଲ୍ଲିକ୍ ସକାଳୁ ଆମ୍ବ ଗୋଟାଇବାକୁ ଆସିଥିବା ସମୟରେ ହାତୀ ଆକ୍ରମଣର ଶିକାର ହୋଇଥିଲେ ।

## ଶିଶୁ ବିବାହ ନିରାକରଣ ଓ କିଶୋର କିଶୋରୀ ସଶକ୍ତିକରଣ ପାଇଁ ଜିଲ୍ଲା କୌଶଳ କାର୍ଯ୍ୟ ଯୋଜନା

କେନ୍ଦ୍ରାପଡା, ୮/୬(ନି/ପ୍ର): କେନ୍ଦ୍ରାପଡା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଶିଶୁ ବିବାହ ନିରାକରଣ ଓ କିଶୋର କିଶୋରୀ ସଶକ୍ତିକରଣ ପାଇଁ ଜିଲ୍ଲା କୌଶଳଗତ କାର୍ଯ୍ୟ ଯୋଜନା ୨୦୨୬ ରୁ ୨୯ ଉପରେ କର୍ମଶାଳା ଅନୁଷ୍ଠିତ । କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍.ଆର. ଆୟାରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ୟୁନିସେଫ୍‌ର ରାଜ୍ୟ ସଂଯୋଜକ ଘାସିରାମ୍ ପଣ୍ଡା (ରାଜ୍ୟ ପରାମର୍ଶ ଦାତା ଶିଶୁ ସୁରକ୍ଷା) ଓ ସକୁନ୍ତଳା ଦାସ (ଆଦବିକା) ଡିଏସ୍ପି ବବିତା ଦଳାଇ, ସିଡବ୍ଲୁସିର ଅଧ୍ୟକ୍ଷା ସ୍ୱାଗତିକା ପାତ୍ର, ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଥ ମହାମାନସିଂ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରାପଡା ଜିଲ୍ଲାରେ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ଭାବେ ରୋକିବା ପାଇଁ ବିଭିନ୍ନ ବିଭାଗର କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ । ଏଥିସହିତ ଅନ୍ୟ ବିବାହ ସହିତ ସମନ୍ୱୟ ରଖି ସମ୍ପୂର୍ଣ୍ଣ ଭାବରେ ଜିଲ୍ଲାରୁ ବାଲ୍ୟ ବିବାହକୁ ଲୋପ କରାଯାଇ ପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଜିଲ୍ଲାରେ କିଶୋର, କିଶୋରୀ ସଶକ୍ତି କରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକୁ ସମସ୍ତଙ୍କ ପାଖରେ ପହଁଚାଇ ତାଙ୍କୁ କାର୍ଯ୍ୟରେ ଲଗାଇ କିଶୋର କିଶୋରୀ ମାନେ ଏହାର ଲାଭ ପାଇପାରିବେ ସେଥିପ୍ରତି ଆଲୋଚନା କରାଯାଇଥିଲା । ଆୟୋଜିତ ଏହି ବୈଠକରେ ଜିଲ୍ଲାର ସମସ୍ତ ସିଡିଭିଓ ଓ ପିଓ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶକ୍ତି ସଦନ, ସ୍ୱଳ୍ପ ରହଣୀ କେନ୍ଦ୍ର, ଜିଲ୍ଲା ଶିକ୍ଷା ବିଭାଗ, ଜିଲ୍ଲା ନିଯୁକ୍ତି ଅଧିକାରୀ, ଜିଲ୍ଲା ପୌରସଂସ୍ଥାର ଅଧିକାରୀ, ଜିଲ୍ଲା ଶିଳ୍ପ କେନ୍ଦ୍ର ଅଧିକାରୀ, ମିଶନ ଶକ୍ତିଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି: ଜନସମ୍ପର୍କ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦୁଝର,୮/୬(ନି/ପ୍ର): ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂର୍ତ୍ତି ଉତ୍ସବ ଏବଂ ଏଥିପାଇଁ ଆୟୋଜିତ ହେବାକୁ ଥିବା ଆଗାମୀ ଜନସମ୍ପର୍କ କାର୍ଯ୍ୟକ୍ରମ ସମ୍ପର୍କରେ ଶୁକ୍ରବାର ଦିନ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂ (ଆଭାସୀ ) ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟବ୍ୟାପୀ ଜନସମ୍ପର୍କ ଅଭିଯାନର ଏକ ଅଂଶ ଭାବରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତାବିତ କାର୍ଯ୍ୟକଳାପ ଗୁଡ଼ିକର ସମୀକ୍ଷା କରାଯାଇଥିଲା । ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ବିଗତ ଦୁଇ ବର୍ଷ ମଧ୍ୟରେ ସରକାରଙ୍କ ସଫଳତା, ଜନକଲ୍ୟାଣକାରୀ ପଦକ୍ଷେପ ଏବଂ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ଲୋକଲୋଚନକୁ ଆଣିବା । ଜିଲ୍ଲା ମୁଖ୍ୟାଳୟସ୍ଥିତ ଓସ୍ୱାନ ହଲରୁ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଏହି ଆଭାସୀ ବୈଠକରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ସଫଳ ରୂପାୟନ, ସର୍ବାଧିକ ଜନସାଧାରଣଙ୍କ ଭାଗିଦାରୀ ନିଶ୍ଚିତ କରିବା ଏବଂ ସରକାରୀ ଯୋଜନା ଓ ସେବା ବିଷୟରେ ତଥ୍ୟର ପ୍ରଭାବଶାଳୀ ପ୍ରସାର ପାଇଁ ରଣନୀତି ଉପରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଜନସମ୍ପର୍କ କାର୍ଯ୍ୟକ୍ରମ ଗୁଡ଼ିକର ସୁଚାରୁ ପରିଚାଳନା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱିତ ପ୍ରୟାସ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ ଏବଂ ଅଧିକାରୀମାନଙ୍କୁ ଆଗୁଆ ଆବଶ୍ୟକୀୟ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ସରକାରଙ୍କ ସଫଳତା ପ୍ରଦର୍ଶନ କରିବା ସହ ସମଗ୍ର ରାଜ୍ୟରେ ନାଗରିକମାନଙ୍କ ସହ ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି । କେନ୍ଦୁଝର ଜିଲ୍ଲାରେ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ଏବଂ ଏହା ସହିତ ଜଡ଼ିତ ଜନସମ୍ପର୍କ କାର୍ଯ୍ୟକ୍ରମର ସଫଳ ପାଳନ ପାଇଁ ଜିଲ୍ଲା ଅଧିକାରୀମାନେ ସମ୍ପୂର୍ଣ୍ଣ ସହଯୋଗ ଓ ପରସ୍ପର ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଶ୍ରୀ ସିଂହ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ ।

# ଲହଣ୍ଡା ରେଳ ଓଭରବ୍ରିଜ ରାସ୍ତାରେ ଦୁର୍ଘଟଣା, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଯୋଡା,୮/୬(ନି/ପ୍ର): କେନ୍ଦୁଝର ଜିଲ୍ଲା ଯୋଡାସ୍ଥିତ ୫୨୦ ନଂ ଜାତୀୟ ରାଜପଥର ଲହଣ୍ଡା ରେଳଓଭର ବ୍ରିଜ ରାସ୍ତାରେ ଆଜି ସକାଳ ୮.୩୦ ମିନିଟ ସମୟରେ ଯୋଡରୁ ତୁରୁମୁଙ୍ଗା ଯାଉଥିବା ବିଳାସିନୀ ନାମକ ବସକୁ ପଛ ପଟୁ ଏକ ଖଣିଜ ବୋଝେଇ ଟ୍ରେଲର ଧକ୍କା ଦେଇଥିଲା । ଫଳରେ ବସଟି ଆଗକୁ ଯାଇ ନ ପାରି ରାସ୍ତାକଡ଼ରେ ଥିବା ନଦୀକୂଳ ଆଡ଼କୁ ଚାଲି ଯାଇଥିଲା । ତେବେ ସୁରକ୍ଷା ବାଡ ଥିବାରୁ ବସଟି ନଦୀ ଗର୍ଭକୁ ନ ଯାଇ ସେଠାରେ ଅଟକି ରହିଥିଲା । ଏପରି ଭୟାବହ ଦୁର୍ଘଟଣାରୁ ବସରେ ଥିବା ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ ବସଯାତ୍ରୀ ବର୍ତ୍ତି ଯାଇଛନ୍ତି । ବସଟି ଦୁର୍ଘଟଣାଗ୍ରସ୍ତ ହେବା ପରେ ଜାତୀୟ ରାଜପଥକୁ ସମ୍ପୂର୍ଣ୍ଣ ଭାବେ ଅବରୋଧ କରି ରଖି ଥିବାରୁ ଶହ ଶହ ଟ୍ରକ୍, ଯାତ୍ରୀବାହୀ ବସ,ବାଇକ୍ ଆରୋହୀ, ଫସି ରହିଛନ୍ତି । ପୁଲିସ ଘଟଣା ସ୍ଥଳକୁ ପହଚିଂଛି । ଜାତୀୟ ରାଜପଥ ବିଭାଗର ଖାମଖିଆଲି ନୀତି ଯୋଗୁଁ ଯୋଡା କଳା ପାହାଡ଼ ଠାରୁ ଲହଣ୍ଡା ପର୍ଯ୍ୟନ୍ତ ୪ଲେନ୍ ରାସ୍ତା ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି । ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱ ହେବ ରିମୁଳି - ରାଜାମୁଣ୍ଡା ୫୨୦ ନଂ ଜାତୀୟ ରାଜପଥ ୪ଲେନ ସମ୍ପୂର୍ଣ୍ଣ କରାଯାଇଥିବା ଘୋଷଣା କରି ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏହାର ଉଦ୍ଘାଟନ କରାଯାଇ ଟୋଲ ଆଦାୟ ଆରମ୍ଭ କରାଯାଇଥିଲା । ଉକ୍ତ ସ୍ଥାନରେ ୪ଲେନ ରାସ୍ତା ସମ୍ପ୍ରସାରଣ ଓ ଓଭରବ୍ରିଜ ନିର୍ମାଣ କରାଯାଉ ନ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟିବ । ସହିତ ଟ୍ରାଫିକ ଜାମ ରହୁଛି ।

# ଆମ୍ବ-ପଣସ ପାଇଁ ଅମାନିଆ ହାତୀ: ଲୋକଙ୍କର ଭୟ ବଢ଼ାଇଲେ ୨୧ଟିକିଆ ହାତୀପଲ

ଘୁ.ଉଦୟଗିରି,୮/୬(ନି/ପ୍ର): ଏବେ ଚାରିଆଡ଼େ ଆମ୍ବ ପାକଳ ହୋଇଛି । ପଣସ ମଧ୍ୟ ପାକଳ ଆରମ୍ଭ ହୋଇଯାଇଛି । ଉଭୟ ଆମ୍ବ ଏବଂ ପଣସ ଖାଇବା ପାଇଁ ମଣିଷ ଯେତିକି ଆକର୍ଷିତ ହେଉଛନ୍ତି, ହାତୀମାନେ ମଧ୍ୟ ବ୍ୟାକୁଳ ହେଉଛନ୍ତି । ତେବେ ହାତୀପଲ ଆମ୍ବ ଏବଂ ପଣସ ଖାଇବା ପାଇଁ ଜଙ୍ଗଲ ଛାଡ଼ି ଗାଁମୁହାଁ ହେଉଛନ୍ତି । ଅତୀତରେ ଗୋଟିଏ ଦୁଇଟି ଦନ୍ତା ଦୀର୍ଘ ମାସ ହେଲା କନ୍ଧମାଳଜିଲ୍ଲା ଘୁମୁସର ଉଦୟଗିରି ଅଂଚଳରେ ବୁଲି ବୁଲି ଉତ୍ପାତ କରିବା ସହ ତିନି ଜଣଙ୍କ ଜୀବନ ନେଇଛନ୍ତି । କିଛି ଦିନର ନୀରବତା ପରେ ପୁଣି ସ୍ଥାନୀୟ ବନାଂଚଳ ଅନ୍ତର୍ଗତ କଳିଙ୍ଗା ସେକ୍ସନର କୁରୁମୁଙ୍ଗିଆ ଅଂଚଳରେ ହାତୀଉପଦ୍ରବ ଦେଖିବାକୁ ମିଳୁଛି । ୨୧ଟିକିଆ ହାତୀପଲ ଆସି ବୁଲିବୁଲି ଆମ୍ବ ଏବଂ ପଣସ ଖାଇବାରେ ଲାଗିଛନ୍ତି । ଉକ୍ତର ଘୁମୁସର ବନଖଣ୍ଡ ରମ୍ଭା ବନାଂଚଳରୁ ଏହି ୨୧ଟିକିଆ ହାତୀପଲ ଆସି ଉପଦ୍ରବ ଆରମ୍ଭ କରିଛନ୍ତି । ସେଥି ମଧ୍ୟରୁ ୩ଟି ଦନ୍ତା ହାତୀ, ଦଶଟି ମାଈ ହାତୀ ଓ ୮ଟି ଶାବକ ଥିବାର ସୂଚନା ଦେଇଛନ୍ତି ବନ ଅଧିକାରୀ ମାଣିକେଶ୍ୱରୀ ପଟ୍ଟନାୟକ । ରାତି ସାରା ଫରେଷ୍ଟର ରଶ୍ମିତା ବକ୍ସି, ପ୍ରଶାନ୍ତ ସାହୁଙ୍କ ସମେତ ଦୁଇଟି ଟିମ୍ ପହଚିଂ ହାତୀ ପଲକୁ ଘଉଡାଇବା ପାଇଁ ଚେଷ୍ଟା କରିଥିଲେ । ବିଶ୍ୱନାଥ ପ୍ରଧାନଙ୍କ ବହୁ ଫସଲ ନଷ୍ଟ କରିବା ସହ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ଦେଇଥିବାର ଜଣାପଡିଛି । ସ୍ଥାନୀୟ ଅଂଚଳର ଆମ୍ବ, ପଣସ ଲୋଭରେ ହାତୀ ପଲ ଏବେ ସ୍ଥାନୀୟ ଅଂଚଳରେ ନିଜର ଉପସ୍ଥିତି ଜାହିର କରିଛନ୍ତି । ଫଳରେ ସ୍ଥାନୀୟ ଅଂଚଳର ବାସିନ୍ଦା ଭୟଭୀତ ହୋଇ ଜଙ୍ଗଲ ଭିତରକୁ ଯିବାକୁ ଭୟ କରୁଛନ୍ତି ଫଳରେ ନିଜ ନିଜ ଜୀବିକା ପ୍ରଭାବିତ ହେବାରେ ଲାଗିଛି । ବର୍ତ୍ତମାନ ଆମ୍ବ ଓ ପଣସ ସଂଗ୍ରହ ସମୟ ହୋଇଥିବା ବେଳେ ସ୍ଥାନୀୟ ଅଧିବାସୀ ମାନେ ଜଙ୍ଗଲରୁ ଆମ୍ବ ପଣସ ସଂଗ୍ରହ କରି ବଜାର ରେ ବିକ୍ରି କରି ଭଲ ରୋଜଗାର କରୁଥିବା ବେଳେ ହାତୀପଲ ସବୁ ବିଭ୍ରାଟ କରି ଦେଇଛନ୍ତି ।

# ବିଜୁ ଜନତା ଦଳ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡା, ୮/୬(ନି/ପ୍ର): କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ବିଜୁ ଜନତା ଦଳ ସଭାପତି ଶିବ ପ୍ରସାଦଙ୍କ ନେତୃତ୍ୱରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରରେ ପରିସରରେ ଡେରାବିଶ ବ୍ଲକ ଅନ୍ତର୍ଗତ ରାଇତୁଣ୍ଡି ଗ୍ରାମର ସଚିଦାନନ୍ଦ ଦାସ ଆତ୍ମହତ୍ୟା କରିଛନ୍ତି । ତାଙ୍କ ଆତ୍ମହତ୍ୟାର କାରଣ ଓ କେଉଁ କାରଣ ପାଇଁ ସେ ଆତ୍ମହତ୍ୟା କଲେ ତାହାର ଅନୁସନ୍ଧାନ ସହିତ ଏଥିରେ ସମ୍ପୃକ୍ତ ଅଧିକାରୀ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇ ଆତ୍ମହତ୍ୟା କରିଛନ୍ତି କି ତାହାର ବିଧିବଦ୍ଧ ତଦନ୍ତ ସହିତ ଦୋଷୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ତାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଏକ ଦାବି ପତ୍ର ପ୍ରଦାନ କରାଗଲା । ଏହି ଦାବିପତ୍ର ପ୍ରଦାନ ସମୟରେ ବିଜୁ ଜନତା ଦଳ କେନ୍ଦ୍ରାପଡା ଜିଲ୍ଲା ତରଫରୁ ଯୁବ ସଭାପତି ରାଜେଶ ଦାସ, ରାଜ୍ୟ ସମ୍ପାଦକ କାଳି ପ୍ରଶନ୍ନ ମିଶ୍ର, ପୌରପାଳିକା ସଭାପତି ଜଜାତି କେଶରୀ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟ ରଶ୍ମି ରଞ୍ଜନ ରାଉତ, ଧନେଶ୍ୱର ସେଠୀ, ବିଜୁ ଜନତା ଦଳର ବରିଷ୍ଠ ନେତା ମୋହନ ଚରଣ ଆଚାର୍ଯ୍ୟ, ଗଣେଷ ମେକାପ, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା, କେନ୍ଦ୍ରାପଡା ପୌରପାଳିକାର ପୌରସଭ୍ୟ ଉମେଶ କୁମାର ନାୟକ, ଚୌଧୁରୀ ସୁକୁମାର ଦାସ, ରମେଶ ଦାସ, ପ୍ରଦିପ ନାୟକ, ସରପଂଚ ପ୍ରଦିପ କୁମାର ସୁତାର, ସମିତି ସଭ୍ୟ ନିରଞ୍ଜନ ବାରିକ, ଅଜୟ କୁମାର ମହାନ୍ତି, ରାଜଲକ୍ଷ୍ମୀ ବେହେରା, ମାଇନର କମିଟି ସଭାପତି ସେକ ଇନିୟାତ(ଚନ୍ଦନ), ମାଇନର ନେତା ମୁକ୍ତାର ଖାଁ, ବିଜୁ ଜନତା ଦଳର ଯୁବ ନେତା ବିଜୟ ମଣ୍ଡଳ, ମାନସ ରଞ୍ଜନ ଦାସ, ସାହେବ ସାହିଲ ରାଉତ, ଅକ୍ଷୟ କୁମାର ମେକାପ, ଦୁର୍ଗା ପ୍ରାସାଦ ପତି, ପ୍ରଫୁଲ୍ଲ ମଲ୍ଲିକ, ସମିତି ସଭ୍ୟ ରଞ୍ଜନ କୁମାର ସାହୁ, ଯୁବ ନେତା ଅଜିତ କୁମାର ପରିଡା, ଲୋହିତ କୁମାର ମହାନ୍ତି, ସୁମନ୍ତ ପରିଡା, ଦେବବ୍ରତ ବରାଳ, କମଳ ପ୍ରସାଦ ଶ୍ରୀଚନ୍ଦନ, କାଉଁସିଲର ପ୍ରତିନିଧି ସେକ ନସିମ, ପ୍ରଶାନ୍ତ କୁମାର ସିଂ ପ୍ରମୁଖ ବିଜୁ ଜନତା ଦଳ କର୍ମୀ ଉପସ୍ଥିତ ଥିଲେ ।

# ଭାରତୀୟ ମଜଦୁର ସଂଘ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ

ରାଇରଙ୍ଗପୁର,୮/୬(ନି/ପ୍ର): ପରିବେଶ ପ୍ରଦୂଷଣ ଆଜି ସମଗ୍ର ବିଶ୍ୱରେ ଏକ ଗୁରୁତର ସମସ୍ୟା ପାଲଟିଛି । ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ଲୋକେ ଏହି ସମସ୍ୟାର ଶିକାର ହେଉଛନ୍ତି । ଅନିୟନ୍ତ୍ରିତ ଶିଳ୍ପ ନିର୍ଗମନ, ବ୍ୟାପକ ଖଣି ଖନନ ଏବଂ ବର୍ଜ୍ୟବସ୍ତୁର ଅନୁଚିତ ପରିଚାଳନା ଯୋଗୁଁ ବାୟୁ, ଜଳ ଏବଂ ଶବ୍ଦ ପ୍ରଦୂଷଣ ସ୍ତର ଭୟାବହ ଭାବରେ ବୃଦ୍ଧି ପାଉଛି । ଏହାଦ୍ୱାରା ଜନସ୍ୱାସ୍ଥ୍ୟ, କୃଷି ଏବଂ ଅଂଚଳର ପ୍ରମୁଖ ଜଳଉତ୍ସଗୁଡିକ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି । ମୟୂରଭଞ୍ଜ ଜିଲ୍ଲାରେ ବଢୁଥିବା ପ୍ରଦୂଷଣ ଏବଂ ଏହାର ନିରାକରଣ ପାଇଁ କଠୋର ପଦକ୍ଷେପ ଗ୍ରହଣ କରିବା ପାଇଁ ଭାରତୀୟ ମଜଦୁର ସଂଘ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘର ପର୍ଯ୍ୟାବରଣ ମଂଚର ରାଜ୍ୟ ସହ ସଂଯୋଜକ ନିଗମାନନ୍ଦ ପଟ୍ଟନାୟକ, ବିଏମ୍ଏସ୍‌ର ଜିଲ୍ଲା ସଂପାଦକ ବୋଧିରଜତ ମହାନ୍ତ, ପର୍ଯ୍ୟାବରଣ ମଂଚର ଜିଲ୍ଲା କୋଡିନେଟର ଅଲେଖ ସେଠୀ ଓ ବି ଏମ୍ ଏସ୍‌ର ମିଡିଆ ପ୍ରମୁଖ ଶ୍ୟାମଳେନ୍ଦୁ ପରିଡା ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ । ଏହି ସ୍ମାରକପତ୍ର ମାଧ୍ୟମରେ ଭାରତୀୟ ମଜଦୁର ସଂଘ (ବି ଏମ୍ ଏସ୍) ପରିବେଶ ମଚଂ ଜିଲ୍ଲାରେ ସମସ୍ତ ପ୍ରକାର ପ୍ରଦୂଷଣକୁ ରୋକିବା ପାଇଁ ପ୍ରଶାସନିକ ହସ୍ତକ୍ଷେପ ଜରୁରୀ ବୋଲି ନିବେଦନ କରିଛନ୍ତି । ଉକ୍ତ ଦାବୀପତ୍ରରେ ମୁଖ୍ୟ ବିଷୟଗୁଡିକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ତୁରନ୍ତ ନିରାକରଣ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ବାୟୁ ପ୍ରଦୂଷଣ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉ ଏବଂ ଏହାକୁ ହ୍ରାସ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଉ । ଯାହାଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହେବନାହିଁ । ଶିଳ୍ପାଂଚଳ ଏବଂ ଖଣି ଅଂଚଳଗୁଡିକରେ ନିୟମିତ ତଦାରଖ ସୁନିଶ୍ଚିତ କରାଯାଉ । ଏହା ବ୍ୟତୀତ ମୟୂରଭଞ୍ଜରେ ଥିବା ସମସ୍ତ କୁକୁଡା ଫାର୍ମରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁରୁ ବାହାରୁଥିବା ଦୂଷିତ ବାୟୁ ଆଖପାଖ ଜଳବାୟୁକୁ ପ୍ରଦୂଷିତ କରୁଛି । ଏହାଦ୍ୱାରା ଯକ୍ଷ୍ମା, ଜଣ୍ଡିସ, ଶ୍ୱାସଜନିତ ରୋଗରେ ଲେକମାନେ ଆକ୍ରାନ୍ତ ହେଉଛନ୍ତି । ଏ ସଂପର୍କରେ ମଧ୍ୟ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ନଦୀ ଏବଂ ନାଳଗୁଡିକୁ ପ୍ରଦୂଷିତ ହେବାରୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ କ୍ଷ ବିନା ବିଶୋଧନରେ ଶିଳ୍ପ ବର୍ଜ୍ୟବସ୍ତୁକୁ ଜଳାଶୟରେ ଛାଡିବା ଉପରେ କଠୋର କଟକଣା ଲାଗୁ କରାଯାଉ । ଅନାବଶ୍ୟକ ଗଛକଟାକୁ ବନ୍ଦ କରାଯାଇ ବନୀକରଣ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉ । ଖଣି ଅଂଚଳ ଏବଂ ଏହାର ଆଖପାଖରେ ଧୂଳି ନିୟନ୍ତ୍ରଣ ତଥା ସବୁଜ ବଳୟ ସୃଷ୍ଟି କରିବା ପାଇଁ ତ୍ରିସ୍ତରୀୟ ଘନ ବୃକ୍ଷରୋପଣ କରିବାକୁ ନିର୍ଦ୍ଦେଶ ଦିଆଯାଉ । ଥରେ ବ୍ୟବହୃତ ପ୍ଲାଷ୍ଟିକ୍ ସାମଗ୍ରୀର ବିକ୍ରି ଏବଂ ବ୍ୟବହାର ଉପରେ ତୁରନ୍ତ ନିଷେଧାଦେଶ ଲାଗୁ କରାଯାଉ ଏବଂ ମୟୂରଭଞ୍ଜକୁ ସିଙ୍ଗଲ୍ ୟୁଜ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଭାବରେ ଘୋଷଣା କରାଯାଉ । ଏହାକୁ କଠୋର ଭାବରେ କାର୍ଯ୍ୟକାରୀ କରିବା ସହ ଏହାର ପରିବେଶ ଅନୁକୂଳ ବିକଳ୍ପକୁ ପ୍ରୋତ୍ସାହିତ କରାଯାଉ । ମାଟି ଏବଂ ଜଳର ପ୍ରଦୂଷଣକୁ ରୋକିବା ପାଇଁ ଶିଳ୍ପଗୁଡିକରୁ ବାହାରୁଥିବା ବିପଦଜନକ ବର୍ଜ୍ୟବସ୍ତୁର ସଂଗ୍ରହ, ବିଶୋଧନ ଏବଂ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା ନିୟମ ଅନୁଯାୟୀ ସୁନିଶ୍ଚିତ କରାଯାଉ । ସହରାଂଚଳରେ ଉତ୍ସ ସ୍ଥଳରୁ ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ବୈଜ୍ଞାନିକ ପରିଚାଳନା ସହିତ ନିୟମ ଅନୁଯାୟୀ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସୁନିଶ୍ଚିତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

# ବିଏଲ୍‌ଓଙ୍କୁ ସହଯୋଗ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁରୋଧ
## ୧କୋଟି ୯୮ ଲକ୍ଷ ୯୭ହଜାର ୩୩୧ ଜଣଙ୍କୁ ପରିଗଣନା ଫର୍ମ ବଟଂନ ଶେଷ

ଭୁବନେଶ୍ୱର, ୮/୬(ନି/ପ୍ର): ରାଜ୍ୟରେ ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ' (ଏସଆଇଆର) ପ୍ରକ୍ରିୟା ଜାରି ରହିଛି । ଏହି ପରିପ୍ରେକ୍ଷୀରେ ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସୁଦୃଢ଼ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ନାଗରିକଙ୍କ ସହଯୋଗ କାମନା କରିଛନ୍ତି । ବିଶେଷ କରି ସ୍ଥାନୀୟ ଅଂଚଳରେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଥିବା ବୁଥ୍‌ସ୍ତରୀୟ ଅଧିକାରୀ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସେ ଭୋଟରମାନଙ୍କୁ ଅନୁରୋଧ କରିଛନ୍ତି । ଯେଉଁ ଯୋଗ୍ୟ ନାଗରିକମାନେ ଏପର୍ଯ୍ୟନ୍ତ ନିଜର ପରିଗଣନା ଫର୍ମ ବୁଥ୍ ସ୍ତରୀୟ ଅଧିକାରୀଙ୍କ ପାଖରେ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ଏହାକୁ ଜମା କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଫର୍ମ ଦାଖଲ ନକଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିବାର ଆଶଙ୍କା ରହିଛି । ସାଧାରଣ ଲୋକଙ୍କ ସୁବିଧା ପାଇଁ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଭୋଟରମାନେ ଚାହିଁଲେ ବିଏଲ୍‌ଓଙ୍କ ପାଖକୁ ନଯାଇ ସିଧାସଳଖ ଅନଲାଇନ୍ ମାଧ୍ୟମରେ ମଧ୍ୟ ନିଜର ଫର୍ମ ଦାଖଲ କରିପାରିବେ । ସମସ୍ତ ଯୋଗ୍ୟ ଭୋଟର ନିଜର ବିଏଲ୍‌ଓଙ୍କ ସହ ତୁରନ୍ତ ଯୋଗାଯୋଗ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ତଥ୍ୟ ସହ ପରିଗଣନା ଫର୍ମ ଦାଖଲ କରି ଏହି ପ୍ରକ୍ରିୟାରେ ନିଜର ନାମ ଅନ୍ତର୍ଭୁକ୍ତ ସୁନିଶ୍ଚିତ କରିବାକୁ କୁହାଯାଇଛି । ଭୋଟର ତାଲିକାରେ ନାମ ସାମିଲ, ସଂଶୋଧନ କିମ୍ବା ଏହି ସମ୍ପର୍କିତ ଯେକୌଣସି ଜନସାଧାରଣ ସୂଚନା ଓ ସହାୟତା ପାଇଁ ନିର୍ବାଚନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାଗଣା ହେଲ୍ପଲାଇନ ନମ୍ବର ୧୯୫୦ କୁ କଲ୍ କରି ସବିଶେଷ ସୂଚନା ପାଇପାରିବେ । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟା ସୁଦ୍ଧା ରାଜ୍ୟର ସମୁଦାୟ ୧କୋଟି ୯୮ଲକ୍ଷ ୯୭ ହଜାର ୩୩୧ଜଣ ଅର୍ଥାତ ମୋଟ ଭୋଟର ର ୫୯.୫୭ପ୍ରତିଶତ ଭୋଟରଙ୍କୁ ସଫଳତାର ସହ ପରିଗଣନା ଫର୍ମ ବଂଟନ କରାଯାଇ ସାରିଛି ।

# ସି.ଏମ୍. ଟ୍ରଫି କବାଡ଼ି ଆନ୍ତଃଜିଲ୍ଲା ବାଳକ ଓ ବାଳିକା ଚାମ୍ପିୟନସିପ୍ -୨୦୨୬ ଉଦ୍‌ଯାପିତ



ଅନୁଗୋଳ,୮/୬(ନି/ପ୍ର): ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ଏବଂ କ୍ରୀଡ଼ାର ସାମଗ୍ରିକ ବିକାଶ ଲକ୍ଷ୍ୟରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଟ୍ରଫି-୨.୦ ଅନ୍ତର୍ଗତ ସି.ଏମ୍. ଟ୍ରଫି କବାଡ଼ି ଆନ୍ତଃଜିଲ୍ଲା ଜୋନ୍-୪ (ଅନୁଗୋଳ) ବାଳକ ଓ ବାଳିକା ଚାମ୍ପିୟନସିପ୍-୨୦୨୬ ଉଦ୍‌ଯାପିତ ହୋଇଯାଇଛି । ଓଡ଼ିଶା କବାଡ଼ି ସଂଘ, କ୍ରୀଡ଼ା ଓ ଯୁବ ସେବା ବିଭାଗ, ଜିଲ୍ଲା ପ୍ରଶାସନ ଅନୁଗୋଳ ଏବଂ ଅନୁଗୋଳ ଜିଲ୍ଲା ଦୌଡ଼କୁଦ ସଂଘର ମିଳିତ ଆନୁକୂଲ୍ୟରେ ୦୪.୦୬.୨୦୨୬ ରୁ ୦୬.୦୬.୨୦୨୬ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଗୋଳ ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ବାଳିକା ବର୍ଗରେ ଅନୁଗୋଳ ୩୯-୩୦ ପଏଂଟରେ ଢେଙ୍କାନାଳକୁ ହରାଇ ଚାମ୍ପିୟନ ହୋଇଥିବା ବେଳେ ବାଳକ ବର୍ଗରେ ନୟାଗଡ଼ ୪୬-୩୨ ପଏଂଟରେ ଢେଙ୍କାନାଳକୁ ହରାଇ ଚାମ୍ପିୟନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଡ଼ଃ ଗୌର ଗୋବିନ୍ଦ ସାମନ୍ତ, ଶ୍ରୀ ନରେନ୍ଦ୍ର ମହାକୁଳ, ଶ୍ରୀ ପେସ୍କାର ଗଡନାୟକ, ଶ୍ରୀ କିଶୋର କୁମାର କର, ଶ୍ରୀମତୀ ରୁଚିରା ଦାସ ଏବଂ ଶ୍ରୀ ପ୍ରଭାସ ଦାଶ ଉପସ୍ଥିତ ରହିଥିଲେ । ସି.ଏମ୍. ଟ୍ରଫି କବାଡ଼ିର ପର୍ଯ୍ୟବେକ୍ଷକ ଶ୍ରୀ ଶୁଭେନ୍ଦୁ କୁମାର ଧୀର ପ୍ରତିଯୋଗିତାର ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିବାବେଳେ, ରାଜ୍ୟ ସଂଯୋଜକ ଶ୍ରୀ ସୁନୀଲ କୁମାର ମହାନ୍ତ ମୁଖ୍ୟମନ୍ତ୍ରୀ ଟ୍ରଫି ମାଧ୍ୟମରେ ରାଜ୍ୟରେ ଏକ ସୁଦୃଢ଼ କ୍ରୀଡ଼ା ଭିତିଭୂମି ସୃଷ୍ଟି ହେଉଥିବା ପ୍ରକାଶ କରିଥିଲେ ।

## ପ୍ରଜାପତି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ବୃକ୍ଷ ରୋପଣ

ଭୁବନ,୮/୬(ନି/ପ୍ର): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭୁବନ ଶାଖା ତରଫରୁ ପରମାତ୍ମା ଶିବଙ୍କର ୯୦ ବର୍ଷ ପୂର୍ତ୍ତି ଅବସରରେ ସାପ୍ତାହିକ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଭୁବନ ସେବା କେନ୍ଦ୍ର ଠାରେ ବନାଂଚଳ ଅଧିକାରୀ ରାକେଶ କୁମାର ଦଳେଇ ଉଦଘାଟନ କରିଥିଲେ । ଆଶ୍ରମର ଭାଇ ଭଉଣୀ ମାନେ ବାଳକ ଉଚ୍ଚ ବିଦ୍ୟାଳୟ, ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ବାଲିବୋ ଜଗନ୍ନାଥ ମନ୍ଦିର, ବିଭିନ୍ନ ପେଟ୍ରୋଲ ପମ୍ପ ଓ ବୁଦ୍ଧେଶ୍ୱର ପରିସରରେ ବୃକ୍ଷ ରୋପଣ କରିବା ସହ ସଫେଇ କରିଥିଲେ ।

# ବିବିଧା

## ଆଜିର ରାଶିଫଳ

ମେଷ: ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

ବୃଷ: ଭାଗ୍ୟର ସହଯୋଗ ମିଳିପାରେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ସାମାଜିକ ପ୍ରତିଷ୍ଠା ବଢ଼ିପାରେ। ଇଚ୍ଛା ମୁତାବକ କାମ କରିବେ।

ମିଥୁନ: ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିପାରେ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

କର୍କଟ: ବ୍ୟବସାୟରେ ସଫଳତା ମିଳିବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ନିଜ ଲୋକ ଶତ୍ରୁ ସାଜିପାରନ୍ତି।

ସିଂହ: ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

କନ୍ୟା: ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବନ୍ଧୁଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ। ମାନସିକ ଶାନ୍ତି ମିଳିବ।

ତୁଳା: ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରଉଧାରରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାର ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

ବିଛା: କର୍ମଚଞ୍ଚଳ ରହିବେ। ଆୟଠୁ ବ୍ୟୟ ଅଧିକ ହେବ। ମହିଳାମାନେ ଘର ପାଇଁ ନୂଆ ଜିନିଷ କିଣିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ।

ଧନୁ: ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଚାନକ ଖୁସି ଖବର ମିଳିବ। କଳାଶିଳ୍ପୀଙ୍କ ପାଇଁ ଦିନଟି ଭଲ। ଅଟକିଥିବା କାମ ପୂରା ହେବ।

ମକର: ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ନୂଆ ଆୟର ଉତ୍ସ ସୃଷ୍ଟି ହେବ। ମାନ ସମ୍ମାନ ବୃଦ୍ଧି ପାଇବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ।

କୁମ୍ଭ: ବିଦେଶରୁ ଲାଭ ମିଳିପାରେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

ମୀନ: ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭଲ ବୁଝାମଣା ରହିବ।

## ଆଜିର ଇତିହାସ

- ୧୬୫୮ - ଔରଙ୍ଗଜେବ ଆଗ୍ରା କିଲ୍ଲା ଉପରେ କବ୍ଜା କଲେ।
- ୧୯୩୬- ଇଣ୍ଡିଆନ୍ ଷ୍ଟେଟ୍ ବ୍ରଡ୍‌କାଷ୍ଟିଂ ସର୍ଭିସ୍‌ର ନାମ ବଦଳାଯାଇ 'ଅଲ୍ ଇଣ୍ଡିଆ ରେଡିଓ' ରଖାଗଲା।
- ୧୯୪୮ - ଏୟାର୍ ଇଣ୍ଡିଆ ଭାରତ ଓ ବ୍ରିଟେନ୍ ମଧ୍ୟରେ ବିମାନ ସେବା ଆରମ୍ଭ କଲା।
- ୧୯୮୨- ବ୍ରାଜିଲ୍‌ର ବିମାନ ବି-୭୨୭ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୩୫ ଲୋକଙ୍କ ପ୍ରାଣହାନି।
- ୧୯୯୨- ବ୍ରାଜିଲରେ ପ୍ରଥମ ଥର ବିଶ୍ୱ ମହାସାଗର ଦିବସ ପାଳନ କରାଗଲା।

## ବିଶ୍ୱ ମହାସାଗର ଦିବସ

ପ୍ରତିବର୍ଷ ଜୁନ୍ ୮ ତାରିଖରେ ସାରା ବିଶ୍ୱରେ ବିଶ୍ୱ ମହାସାଗର ଦିବସ ପାଳନ କରାଯାଏ। ଆମର ଦୈନନ୍ଦିନ ଜୀବନରେ ମହାସାଗରର ଭୂମିକା ଏବଂ ଏହାର ସଂରକ୍ଷଣ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ ଅଟେ। ଆମ ପୃଥିବୀର ପ୍ରାୟ ୫୦ ପ୍ରତିଶତରୁ ଅଧିକ ଅମ୍ଳଜାନ ମହାସାଗରରୁ ହିଁ ମିଳିଥାଏ। ଏହାବାଦ୍ ବିଶ୍ୱର କୋଟି କୋଟି ଲୋକ ନିଜର ପ୍ରୋଟିନ୍ ଆବଶ୍ୟକତା ଓ ଜୀବିକା ପାଇଁ ମହାସାଗର ଉପରେ ନିର୍ଭର କରନ୍ତି। ମହାସାଗରଗୁଡ଼ିକ ବାୟୁମଣ୍ଡଳର ଅତ୍ୟଧିକ ଉତ୍ତାପ ଏବଂ କାର୍ବନ ଡାଇଅକ୍ସାଇଡ୍ ଶୋଷଣ କରି ଜଳବାୟୁକୁ ସନ୍ତୁଳିତ ରଖନ୍ତି। ବର୍ତ୍ତମାନ ସମୟରେ ଅତ୍ୟଧିକ ପ୍ଲାଷ୍ଟିକ୍ ପ୍ରଦୂଷଣ, ବେଆଇନ ମାଛ ଧରା ଏବଂ ଗ୍ଲୋବାଲ୍ ୱାର୍ମିଂ ଯୋଗୁଁ ସାମୁଦ୍ରିକ ଜୀବନ ଓ ମହାସାଗରର ପରିବେଶ ଗମ୍ଭୀର ସଙ୍କଟ ଦେଇ ଗତି କରୁଛି। ତେଣୁ ଏହି ଦିବସରେ ମହାସାଗରକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ପାଇଁ ସଂକଳ୍ପ ନିଆଯାଏ। ୧୯୯୨ରୁ ପ୍ରତିବର୍ଷ ବିଶ୍ୱବ୍ୟାପୀ ଏହି ଦିବସ ପାଳିତ ହୋଇ ଆସୁଛି। ୨୦୦୮ରୁ ଏହାକୁ ଜାତିସଂଘ ତରଫରୁ ପୃଷ୍ଠପୋଷକତା ମିଳିଥିଲା। ୨୦୦୯ରେ ଆମ ସମୁଦ୍ର ଆମ ଦାୟିତ୍ୱ ନାମକ ଏକ ସ୍ଲୋଗାନ ସହ ଜାତିସଂଘ ତରଫରୁ ପ୍ରଥମ ଥର ବିଶ୍ୱସ୍ତରୀୟ ମହାସାଗର ଦିବସ ପାଳନ କରାଯାଇଥିଲା। ମହାସାଗର ହିଁ ଅନ୍ତର୍ଜାତୀୟ ବାଣିଜ୍ୟ ବ୍ୟବସାୟର ପ୍ରମୁଖ ଭୂମିକା ଗ୍ରହଣ କରିଛି। ଜନସଂଖ୍ୟା ବିସ୍ଫୋରଣ ଏବଂ ମଣିଷ ଅଧିକରୁ ଅଧିକ ମହାସାଗର ଉପରେ ନିର୍ଭରଶୀଳ ହୋଇପଡ଼ିଥିବାରୁ ସାମୁଦ୍ରିକ ଜୀବଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ପ୍ରଦୂଷଣ ଯୋଗୁଁ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ସାମୁଦ୍ରିକ ଜୀବଙ୍କ ପ୍ରାଣହାନି ଘଟିବା ସହ ଜୈବିକ ପରିବେଶ ଉପରେ ଘୋର ପ୍ରଭାବ ମଧ୍ୟ ପଡ଼ୁଛି। ସାମୁଦ୍ରିକ ପ୍ରଦୂଷଣର ମୁଖ୍ୟ କାରଣଗୁଡ଼ିକ ମଧ୍ୟରୁ ପ୍ରମୁଖ କାରଣ ହେଉଛି ମନୁଷ୍ୟକୃତ। କଳକାରଖାନା, ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ବର୍ଜ୍ୟ, ଜାହାଜମାନଙ୍କରୁ ବାହାରୁଥିବା ଧୂଆଁ ଧୂଳି ତଥା ଅନ୍ୟାନ୍ୟ ବର୍ଜ୍ୟ, ଗଭୀର ସମୁଦ୍ରରେ ଖଣି ଖନନ, ପରିବେଶ ପ୍ରଦୂଷଣ, କେମିକାଲ ତଥା କୀଟନାଶକ ଇତ୍ୟାଦିର ପ୍ରବାହ ସମଗ୍ର ସାମୁଦ୍ରିକ ଜୈବବିବିଧତା ଉପରେ କୁପ୍ରଭାବ ପକାଏ। ସାମୁଦ୍ରିକ ଆବର୍ଜନାର ପ୍ରାୟ ୮ ପ୍ରତିଶତ ଅର୍ଥାତ୍ ପ୍ରାୟ ୧୦ କୋଟି ଟନ୍ ହେଉଛି ପ୍ଲାଷ୍ଟିକ୍ ଆବର୍ଜନା, ଯାହା ଛୋଟ ମାଛ ଠାରୁ ନେଇ ବିଶାଳ ତିମି ପର୍ଯ୍ୟନ୍ତ ସମସ୍ତ ସାମୁଦ୍ରିକ ଜୀବଙ୍କ ପାଇଁ ରୋଗ ଓ ମୃତ୍ୟୁର କାରଣ ସାଜିଛି। ୨୦୨୬ ମସିହା ପାଇଁ ବିଶ୍ୱ ମହାସାଗର ଦିବସ ପାଳନର ବିଷୟବସ୍ତୁ ରହିଛି "ଆମର ନୀଳ ଗ୍ରହ ପାଇଁ ସଶକ୍ତ ସାମୁଦ୍ରିକ ସଂରକ୍ଷିତ ଅଞ୍ଚଳ"। ପୃଥିବୀର ସ୍ଥଳ ଓ ଜଳଭାଗକୁ ୨୦୩୦ ମସିହା ସୁଦ୍ଧା ସୁରକ୍ଷିତ କରିବା ପାଇଁ ଆଇନଗତ ଭାବେ ଦୃଢ଼ ସାମୁଦ୍ରିକ ସୁରକ୍ଷିତ ଅଞ୍ଚଳ ଗଠନ କରିବା ଉଦ୍ଦେଶ୍ୟରେ ଏହି ବିଷୟବସ୍ତୁ ରଖାଯାଇଛି।

## ବରର ବଦାନ୍ୟତା

# ଗାଁ ଲୋକଙ୍କୁ ୩୩.୬ କୋଟିର ବୀମା ଉପହାର

ମହାରାଷ୍ଟ୍ରର ବହାଦୁରପୁରା ଗାଁରେ ନିକଟରେ ଏକ ବିବାହ ଉତ୍ସବ ସମୟରେ ଏକ ନିଆରା ଘଟଣା ଦେଖିବାକୁ ମିଳିଛି। ଏହି ଘଟଣାଟି ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଏଠାରେ ଜଣେ ବର ନିଜ ରିସେପସନ୍‌ରେ ସାମିଲ ହୋଇଥିବା ଅତିଥିମାନଙ୍କୁ ରିଟର୍ନ ଗିଫ୍ଟରେ ଦୁର୍ଘଟଣା ବୀମା ପ୍ରଦାନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବର ସିଦ୍ଧେଶ୍ୱର ପୋଟକର ଓ ତାଙ୍କ ପରିବାର ଲୋକେ ବିବାହ ଭୋଜିରେ ଯୋଗ ଦେଇଥିବା ଗ୍ରାମର ପ୍ରାୟ ୩୫୦୦ ଲୋକଙ୍କୁ ୧-୧ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ସାର୍ଟିଫିକେଟ ଦେଇଥିଲେ। ଏଭଳି ଭାବେ ସମଗ୍ର ଗ୍ରାମବାସୀଙ୍କୁ ସମୁଦାୟ ପ୍ରାୟ ୩୪ କୋଟି ଟଙ୍କାର ବୀମା କଭର ମିଳିଛି। ବର ସିଦ୍ଧେଶ୍ୱରଙ୍କ କହିବାନୁଯାୟୀ, "ଗ୍ରାମର ଅଧିକାଂଶ ଲୋକ ଗରିବ ଚାଷୀ ଓ ଦିନମଜୁରିଆ ହୋଇଥିବାରୁ ବିଲରେ କାମ କରିବା ସମୟରେ ସର୍ପାଘାତ, ବଜ୍ରପାତ କିମ୍ବା ବନ୍ୟଜନ୍ତୁଙ୍କ ଆକ୍ରମଣ ଯୋଗୁ ସେମାନଙ୍କ ପରିବାର ଭାଙ୍ଗିପଡ଼ିଥାଏ। ପରବର୍ତ୍ତୀ ମୃତ୍ୟୁ ପରେ ସେମାନଙ୍କ ପରିବାର ଭୟାବହ ଆର୍ଥିକ ସଙ୍କଟର ସାମ୍ନା କରିଥାନ୍ତି। ତେଣୁ ମୁଁ ନିଜ ବିବାହକୁ ସମାଜସେବା ସହ ଯୋଡ଼ିବା ପାଇଁ ଏହି ନିଆରା ନିଷ୍ପତ୍ତି ନେଇଛନ୍ତି।" ପୋଟକର ପରିବାର ବୀମା କମ୍ପାନିକୁ ଗାଁର ଭୋଟର ତାଲିକା ହସ୍ତାନ୍ତର କରିବା ପରେ ସ୍ଥାନୀୟ ଗ୍ରାମପଞ୍ଚାୟତ ନାମରେ ଏକ 'ଗ୍ରୁପ୍ ଆକ୍ସିଡେଣ୍ଟ ପଲିସି' କିଣାଯାଇଥିଲା। ଏହାଦ୍ୱାରା ଗାଁର ପ୍ରତ୍ୟେକ ବାସିନ୍ଦା ଏହି ବୀମା ରାଶିର ଲାଭ ଉଠାଇ ପାରିବେ। ତେବେ ଏହି ପଲିସି ବର୍ଷେ ପାଇଁ ବୈଧ ରହିବ ଏବଂ ଏହାର ରିନିୟୁଆଲ୍ ବିଷୟରେ ପରବର୍ତ୍ତୀ ସମୟରେ ଆଲୋଚନା କରାଯିବ ବୋଲି ପୋଟକର ପରିବାର ପକ୍ଷରୁ କୁହାଯାଇଛି। ବିବାହ ଭଳି ଏକ ଖୁସିର ଦିନରେ ରିଟର୍ନ ଗିଫ୍ଟରେ ଏଭଳି ଏକ ସୁରକ୍ଷା ବୀମା ମିଳିବା ଗାଁବାସୀଙ୍କୁ ସମସ୍ତେ ପ୍ରଶଂସା କରୁଛନ୍ତି।

## ଦୀପିକାଙ୍କ ପାଇଁ ଅଟକିଛି 'ରାକା'



ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ, ଏବେ ଏଟ୍‌ଲିଙ୍କ ଫିଲ୍ମ 'ରାକା'କୁ ନେଇ ଚର୍ଚ୍ଚାରେ। ବିଗତ କିଛି ମାସ ଧରି ସେ ଏହାର ସୁଟିଂରେ ବ୍ୟସ୍ତ ଥିଲେ। ହେଲେ ଏବେ ଫିଲ୍ମର ସୁଟିଂ ଅଧାରେ ଅଟକିଯିବା ଜଣାପଡ଼ିଛି। ତେବେ ସୁଟିଂ ଅଟକିବାର ମୂଳ କାରଣ ନାୟିକା ଦୀପିକା ପାଡୁକୋନ୍ ବୋଲି କୁହାଯାଉଛି। କାରଣ ଦୀପିକା ତାଙ୍କ ଭାଗର ସୁଟିଂ କରିନାହାନ୍ତି। ଏଥିପାଇଁ ଫିଲ୍ମ ନିର୍ମାତା ଏହାର ସୁଟିଂକୁ ରୋକି ଦେଇଛନ୍ତି। ଜୁନ୍‌ରେ ଫିଲ୍ମର ଏକ ବଡ଼ ସିନ୍ ସୁଟ୍ ହେବାର ଥିଲା। ଏଥିରେ ଅଧିକ ଆକ୍ସନ୍ ସିନ୍ ରହିଥିଲା। ସୁଟିଂ ସମୟରେ ଅଲ୍ଲୁ ଅର୍ଜୁନ, ଦୀପିକା, କିମ୍ ସାର୍ଡ, ଯୋମିନା କର୍ଡ ଆଦି ଉପସ୍ଥିତ ରହିବାର ଥିଲା। ହେଲେ ଦୀପିକା ଡେଟ୍ ଦେଇ ନ ପାରିବାରୁ ସୁଟିଂ ହୋଇ ପାରି ନଥିଲା। 'ରାକା'ର ପୋଷ୍ଟର ରିଲିଜ୍ ହେବାର ଅତିମଧ୍ୟରେ ଦୁଇ ମାସ ହୋଇ ଗଲାଣି। ଏପ୍ରିଲ ଜୁନ୍‌ରେ କିଛି ଫିଲ୍ମ ସମ୍ପର୍କରେ ଅପଡେଟ୍ ଦର୍ଶକଙ୍କୁ ଦେଇଥାନ୍ତେ। ସେ ଜୁନ୍‌ରେ ଦୀପିକାଙ୍କ ଲୁକ୍ ରିଲିଜ୍ କରିଥାନ୍ତେ ବୋଲି ଚର୍ଚ୍ଚା ହୋଇଥିଲା। ହେଲେ ଏବେ ଏଟ୍ଲି ଦୀପିକାଙ୍କ ଯୋଗୁଁ ଅନ୍ୟ କଳାକାରମାନଙ୍କୁ ପୁଣି ଥରେ ସୁଟିଂ ପାଇଁ ସମୟ ବାହାର କରିବାକୁ କହିଛନ୍ତି। ଦୀପିକା ଏବେ 'କିଙ୍ଗ'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମର ସୁଟିଂ ସାରିବା ପରେ ହିଁ ସେ 'ରାକା'ର ସୁଟିଂରେ ଯୋଗ ଦେବେ ବୋଲି କୁହାଯାଉଛି।

## ଆସ୍ଥା

# ମୁଖ୍ୟ ଦ୍ୱାରରେ ନାମ ଫଳକ ଲଗାଉଥିଲେ...

**ବାସ୍ତୁ ଶାସ୍ତ୍ରରେ ଘରେ ଲଗାଯାଉଥିବା ନାମଫଳକ ଶକ୍ତି ଏବଂ ପରିବେଶ ସହ ଜଡ଼ିତ। କୁହାଯାଏ, ମୁଖ୍ୟ ଦ୍ୱାରରେ ଲାଗିଥିବା ନାମ ଫଳକ ଘରକୁ ଆସୁଥିବା ସକାରାତ୍ମକ ଏବଂ ନକାରାତ୍ମକ ଶକ୍ତିକୁ ପ୍ରଭାବିତ କରିପାରେ। ତେଣୁ ଘରର ନେମ୍ ପ୍ଲେଟ୍ ଠିକ୍ ଭାବେ ନ ଲଗାଇଲେ, ଘରର ବାତାବରଣ ପ୍ରଭାବିତ ହୋଇପାରେ।**



ଭଙ୍ଗା ନାମ ଫଳକ ଲଗାନ୍ତୁନି: ବାସ୍ତୁ ଅନୁସାରେ, ଭାଙ୍ଗି ଯାଇଥିବା ତଥା ଅପରିଷ୍କାର ନାମ ଫଳକକୁ ଶୁଭ ବୋଲି କୁହାଯାଏ ନାହିଁ। କୁହାଯାଏ, ଏହାଦ୍ୱାରା ଘରର ସକାରାତ୍ମକ ଶକ୍ତି ବାଧାପ୍ରାପ୍ତ ହୁଏ। ତା'ସହ ନକାରାତ୍ମକ ଶକ୍ତି ବୃଦ୍ଧି ପାଏ। ତେଣୁ ନାମ ଫଳକ ସର୍ବଦା ସଫା ଓ ଭଲ ସ୍ଥିତିରେ ରହିବା ଦରକାର।

ଠିକ୍ ଦିଗକୁ ଗୁରୁତ୍ୱ: ଏହାକୁ ମୁଖ୍ୟ ଦ୍ୱାରର ଏଭଳି ସ୍ଥାନରେ ଲଗାଇବା ଦରକାର, ଯେମିତି ଏହା ସ୍ପଷ୍ଟ ଭାବେ ଦୃଷ୍ଟିଗୋଚର ହେଉଥିବ। ଏହାକୁ ପୂରା ତଳକୁ କିମ୍ବା ଲୁଚି ରହିବା ଭଳି ସ୍ଥାନରେ ଲଗାନ୍ତୁ ନାହିଁ। ନାମ ଫଳକକୁ କବାଟର ଡାହାଣ ପାର୍ଶ୍ୱରେ ଲଗାଇବା ଶୁଭ।

ସମ୍ପୂର୍ଣ୍ଣ ନାଁ ଲେଖନ୍ତୁ: ଅନେକ ଲୋକ ନେମ୍ ପ୍ଲେଟ୍‌ରେ ସମ୍ପୂର୍ଣ୍ଣ ନାମ ଲେଖନ୍ତି ନାହିଁ। ନଚେତ ଭୁଲ୍ ଲେଖିଥାନ୍ତି। ବାସ୍ତୁ ଅନୁସାରେ ଏହା ଠିକ୍ ନୁହେଁ। ନାଁ ସର୍ବଦା ଠିକ୍ ଓ ସ୍ପଷ୍ଟ ଭାବେ ଲେଖିବାକୁ ଚେଷ୍ଟା କରନ୍ତୁ।

ପରିଷ୍କାର ନାମଫଳକ ରଖନ୍ତୁ: ଘରର ନେମ୍ ପ୍ଲେଟ ସବୁବେଳେ ପରିଷ୍କାର, ସ୍ୱଚ୍ଛ ଏବଂ ଭଲ ସ୍ଥିତିରେ ରହିବା ଦରକାର। ମଝିରେ ମଝିରେ ଏହାକୁ ସଫା କରିବା ଉଚିତ। ବହୁତ ପୁରୁଣା ଓ ପଢ଼ି ହେଉ ନ ଥିବା ନାମଫଳକକୁ ବଦଳାଇବା ଉଚିତ।

# କେଉଁ ଦିନ ଅନ୍ନ ଖାଇବା ମନା

**ସନାତନ ଧର୍ମରେ ବ୍ରତ, ଉପବାସ, ନୀତିନିୟମର ଗଭୀର ମହତ୍ତ୍ୱ ରହିଛି। ସାଧାରଣତଃ ବ୍ରତରେ ଅନ୍ନ ଖାଇବାକୁ ବାରଣ କରାଯାଏ। ତେବେ କିଛି ବ୍ରତ, ବାର ଏଭଳି ଅଛି, ଯେଉଁଥିରେ ଅନ୍ନ ବଦଳରେ ଫଳାହାରକୁ ପ୍ରାଥମିକତା ଦିଆଯାଏ।**

ସୂର୍ଯ୍ୟପରାଗ, ଚନ୍ଦ୍ର ଗ୍ରହଣ: ସନାତନ ପରମ୍ପରାରେ ସୂର୍ଯ୍ୟପରାଗ ତଥା ଚନ୍ଦ୍ରଗ୍ରହଣରେ ଅନ୍ନ ସେବନ କରିବା ଭଲ ନୁହେଁ। ଏହି ସମୟରେ ଖାଦ୍ୟ, ପାନୀୟ ଦୂଷିତ ହୋଇଯାଏ। ଏହି ସମୟରେ କିଛି ବି ଖାଇବା ବିଷ ସଦୃଶ ହୋଇଥାଏ। ତା'ସହ ଖାଇବା କିମ୍ବା ରୋଷେଇ କରିବାକୁ ବାରଣ କରାଯାଏ। କାରଣ ଗ୍ରହଣ ସମୟରେ ନକାରାତ୍ମକ ଶକ୍ତିର ପ୍ରଭାବ ବଢ଼ିଯାଏ ବୋଲି କୁହାଯାଏ।

କନ୍ୟାଦାନ: ହିନ୍ଦୁ ବିବାହରେ କନ୍ୟାଦାନକୁ ବଡ଼ ପୁଣ୍ୟ ବୋଲି ବିଚାର କରାଯାଏ। ଯେଉଁଦିନ ଘରେ ଏହି ମହାଦାନ ହେବ, ସେଦିନ କନ୍ୟାର ବାପାମାଆ କନ୍ୟାଦାନ ପୂରା ନ କରିବା ପର୍ଯ୍ୟନ୍ତ ଅନ୍ନ ସେବନ କରିବା ମନା। ମାଙ୍ଗଳିକ କାର୍ଯ୍ୟ ପୂର୍ବରୁ ଅନ୍ନ ଗ୍ରହଣ କରିବା ଧାର୍ମିକ ଦୃଷ୍ଟିରୁ ଦୋଷପୂର୍ଣ୍ଣ।

ହରି ଜନ୍ମ ଉତ୍ସବ: ରାମନବମୀ, ଜନ୍ମାଷ୍ଟମୀ, ହନୁମାନ ଜୟନ୍ତୀ, ନରସିଂହ ଜୟନ୍ତୀ, ସୀତା ନବମୀ ଭଳି ପବିତ୍ର ଅବସରରେ ଦ୍ୱିପହର ତଥା ମଧ୍ୟରାତ୍ରି ପର୍ଯ୍ୟନ୍ତ ଉପବାସ ରହିବା ଉଚିତ। ଏହିଦିନ ଅନ୍ନ ନ ଖାଇ ଫଳ ଖାଇବା ଭଲ।

ଦ୍ୱିଜ ଭୋଜନ: ଧର୍ମ ଶାସ୍ତ୍ର ଅନୁସାରେ, କୌଣସି ସନ୍ଥ, ବ୍ରାହ୍ମଣ ବା କୌଣସି ବ୍ୟକ୍ତିଙ୍କୁ ଘରକୁ ଭୋଜନ ଲାଗି ଆମନ୍ତ୍ରିତ କରିଥିଲେ ସେମାନଙ୍କୁ ଖାଦ୍ୟ ନ ଦେଇ ପ୍ରଥମେ ଅନ୍ନ ଗ୍ରହଣ କରନ୍ତୁ ନାହିଁ। ଏହାଦ୍ୱାରା ନର୍କଗାମୀ ହେବା କୁହାଯାଏ। ଆମନ୍ତ୍ରଣ କରିଥିବା ବ୍ୟକ୍ତି ବ୍ରାହ୍ମଣଙ୍କୁ ଭୋଜନ କରାଇବା ପରେ ହିଁ ଅନ୍ନ ଗ୍ରହଣ କରିବା ଉଚିତ। ଏହା ପୂର୍ବରୁ ଫଳ ଆଦି ସେବନ କରିପାରିବେ।

ଶୋକ: ହିନ୍ଦୁ ମାନ୍ୟତାନୁସାରେ, ଘରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ, ମୃତ ଶରୀରର ଘରେ ପଡ଼ି ରହିଥିଲେ ସେହି ସମୟରେ ଅନ୍ନ ଗ୍ରହଣ କରିବା ଅନୁଚିତ। ଏଭଳି ସମୟରେ କରାଯାଇଥିବା ଭୋଜନ ଦୋଷପୂର୍ଣ୍ଣ ହୋଇଥାଏ।

ଏକାଦଶୀ: ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଏକାଦଶୀ ବ୍ରତରେ ଅନ୍ନ ଗ୍ରହଣ କରିବା ଅନୁଚିତ। ଏହିଦିନ ଅନ୍ନ ଗ୍ରହଣ କରୁଥିବା ବ୍ୟକ୍ତି ନରକଗାମୀ ହୁଅନ୍ତି। ଏହାକୁ ପାପ ବୋଲି କୁହାଯାଏ।

# ଗଜଲକ୍ଷ୍ମୀ ରାଜଯୋଗ

**ଆଜି (ଜୁନ୍ ୮) କର୍କଟ ରାଶିରେ ଗଜଲକ୍ଷ୍ମୀ ରାଜଯୋଗ ନିର୍ମାଣ ହେବ। କର୍କଟ ରାଶିରେ ଗୁରୁ ଏବଂ ଶୁକ୍ର ଗ୍ରହର ମିଳନ ଯୋଗୁଁ ଏହି ଯୋଗ ସୃଷ୍ଟି ହୋଇଥାଏ। ତେବେ ଏହି ଯୋଗ ୫ ରାଶିଙ୍କୁ ଶୁଭଫଳ ପ୍ରଦାନ କରିବ।**

ବୃଷ: ଏହି ଯୋଗ ନିର୍ମାଣ ଯୋଗୁଁ ବୃଷ ରାଶି ବ୍ୟକ୍ତିଙ୍କୁ ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। କ୍ୟାରିୟରରେ ସଫଳତା ପ୍ରାପ୍ତି ହେବ। ସମାଜରେ ମାନ-ସମ୍ମାନ ବଢ଼ିବ। ନୂଆ ବ୍ୟବସାୟର ଯୋଜନା କରିବେ। ଆୟର ନୂଆ ମାର୍ଗ ଉନ୍ମୋଚନ ହେବ।

କର୍କଟ: କର୍କଟ ରାଶି ବ୍ୟକ୍ତିବିଶେଷଙ୍କୁ ଏହା ଯୋଗୁଁ ବିଶେଷ ଲାଭ ମିଳିବ। ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। ଗୁରୁତ୍ୱପୂର୍ଣ୍ଣ କାମରେ ସଫଳତା ମିଳିବ। ସମାଜରେ ସମ୍ମାନ ବୃଦ୍ଧି ପାଇବ। କର୍ମଚାରୀ ଏବଂ ବ୍ୟବସାୟୀଙ୍କୁ ଖୁସି ଖବର ମିଳିବ।

ଧନୁ: ଆର୍ଥିକ ଦୃଷ୍ଟିରୁ ଗଜଲକ୍ଷ୍ମୀ ଯୋଗ ଧନୁ ରାଶିଙ୍କୁ ଶୁଭ ଫଳ ପ୍ରଦାନ କରିବ। ଅଚାନକ ଧନଲାଭ ହେବ। ଅଫିସ୍‌ରେ ପ୍ରଶଂସା ସାଉଁଟିବେ। କୌଣସି ବଡ଼ ଇଚ୍ଛା ପୂରଣ ହୋଇପାରେ। ବ୍ୟବସାୟୀଙ୍କୁ ଲାଭର ଅବସର ମିଳିବ।

କନ୍ୟା: ଆୟ ବୃଦ୍ଧି ପାଇବ। ଏହା ଯୋଗୁଁ ଆର୍ଥିକ ସ୍ଥିତି ମଜବୁତ ହେବ। ନିବେଶ ଲାଗି ଉତ୍ତମ ସମୟ। କାର୍ଯ୍ୟାଳୟରେ ପଦୋନ୍ନତି ମିଳିବ। ବ୍ୟବସାୟୀଙ୍କୁ ବ୍ୟବସାୟରେ ଲାଭ ମିଳିବ।

ମୀନ: ଏହି ଯୋଗ ମୀନ ରାଶିଙ୍କ ପାଇଁ ଅତ୍ୟନ୍ତ ଲାଭକାରୀ। ଶିକ୍ଷାରେ ସଫଳତା ମିଳିବ। ବିଦ୍ୟାର୍ଥୀଙ୍କ ପାଇଁ ଭଲ ସମୟ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଚାନକ ଧନଲାଭ ହେବ।

# କେଉଁ ଅଙ୍ଗୁଳି ପାଇଁ କେଉଁ ରତ୍ନ

**ଜ୍ୟୋତିଷ ଶାସ୍ତ୍ରରେ ରତ୍ନର ବିଶେଷ ମହତ୍ତ୍ୱ ଅଛି। ପ୍ରତ୍ୟେକ ରତ୍ନ କୌଣସି ନା କୌଣସି ଗ୍ରହ ସହିତ ଜଡ଼ିତ। ସେହିପରି କେଉଁ ଅଙ୍ଗୁଳିରେ କେଉଁ ରତ୍ନ ଧାରଣ କରିବା ଦରକାର, ସେ ସମ୍ପର୍କରେ ଜାଣିବା।**



- ଜ୍ୟୋତିଷ ଶାସ୍ତ୍ରରେ ମାଣିକ ରତ୍ନକୁ ଅନାମିକା ଅଙ୍ଗୁଳିରେ ପିନ୍ଧିବା ଉଚିତ। ଏହାକୁ ରବିବାର ଧାରଣ କରିବା ଶୁଭ। ମାନସମ୍ମାନ ଏବଂ ଆତ୍ମବିଶ୍ୱାସ ଏହା ଦ୍ୱାରା ବୃଦ୍ଧି ପାଏ।
- ମୋତିକୁ କନିଷ୍ଠା ଅଙ୍ଗୁଳିରେ ପିନ୍ଧିବା ଶୁଭ। ସୋମବାର ଧାରଣ କରାଯାଉଥିବା ଏହି ରତ୍ନ ପିନ୍ଧିଲେ ମାନସିକ ଶାନ୍ତି, ଭାବନାତ୍ମକ ସନ୍ତୁଳନ ରହେ।
- ମଙ୍ଗଳ ଗ୍ରହର ରତ୍ନ ମୁଗା। ଏହାକୁ ଅନାମିକା ଅଙ୍ଗୁଳିରେ ପିନ୍ଧିବା ଭଲ।
- ସବୁଜ ରଙ୍ଗର ପନ୍ନା ବୁଧ ଗ୍ରହଙ୍କ ରତ୍ନ। ଏହାକୁ କନିଷ୍ଠା ଅଙ୍ଗୁଳିରେ ପିନ୍ଧିବା ଉଚିତ।
- ଗୁରୁବାର ପୁଖରାଜ ରତ୍ନ ଧାରଣ କରିବା ଭଲ। ତର୍ଜନୀ ଅଙ୍ଗୁଳିରେ ଏହାକୁ ପିନ୍ଧିବା ଉଚିତ। ଏହା ଜ୍ଞାନ, ବୈବାହିକ ସୁଖ ଓ ଆର୍ଥିକ ସ୍ଥିତି ସହିତ ଜଡ଼ିତ।
- ଅନାମିକା ଅଙ୍ଗୁଳିରେ ହୀରାକୁ ପିନ୍ଧିଲେ ଶୁଭ ଫଳ ପ୍ରାପ୍ତି ହୁଏ। ଶୁକ୍ରବାର ଏହାକୁ ଧାରଣ କରିବା ଉଚିତ।

ଉତ୍କଳ ସମାଚାର

## ସମ୍ପାଦକୀୟ...

### ମଙ୍ଗଳବାର ୯ ଜୁନ୍ ୨୦୨୬

# ଚରିତ୍ର ଓ ନାମ

ଗଲା ବୁଧବାର ଦିନ କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ନୂତନ ଗ୍ରାମୀଣ କର୍ମ ନିଯୁକ୍ତି ବିଲ୍ - ବିକଶିତ ଭାରତ ଗ୍ୟାରେଟିଂ ଫର ରୋଜଗାର ଆଜୀବିକା ମିସନ(ଗ୍ରାମୀଣ) ବା 'ଭିବି-ଜି ରାମ ଜି' - ଲୋକକ୍ଷେତ୍ରରେ ତୀବ୍ର ଓ ବ୍ୟାପକ ବିତର୍କ ସୃଷ୍ଟି କରିଛି। ଏଭଳି ବିତର୍କ ସୃଷ୍ଟି କରିଥିବା 'ପ୍ରାକ୍ଟିକାଲ' ବା 'ଉପଯୋଗିତାମୂଳକ' କାରଣଟି ହେଲା ୨୦୦୬ ମସିହାରୁ ପ୍ରଚଳିତ ଥାଇ ଗ୍ରାମ ସ୍ତରରେ ପ୍ରତ୍ୟେକ ସାବାଳକ ସକାଶେ ରୋଜଗାରର ଗ୍ୟାରେଟିଂ ଦେଉଥିବା ଯୁଗାନ୍ତକାରୀ ଆଇନ 'ମନରେଗା'କୁ ଏହି ନୂତନ ଆଇନ(ବିଲ୍ ପାରିତ ହେବା ପରେ) ବିସ୍ଥାପିତ କରି ଦେବ, ଯହିଁରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୁନିଶ୍ଚିତ ରୋଜଗାରର ପ୍ରତିଶ୍ରୁତି ହୀନବଳ ହୋଇ ପଡ଼ିବାର ଆଶଙ୍କା ଉପୁଜିଛି ଏବଂ ଭାବୋଦ୍ଦୀପକ କାରଣଟି ହେଲା, ନୂତନ ଆଇନର ନାମରୁ ମହାତ୍ମା ଗାନ୍ଧୀ ଅନ୍ତର୍ହିତ ହୋଇଯାଇଛନ୍ତି, ଯାହା ରାଜନୈତିକ ପ୍ରତିପକ୍ଷଙ୍କ ଦୃଷ୍ଟିରେ ଗାନ୍ଧୀଜୀଙ୍କ ପଦଚିହ୍ନ ଲିଭାଇ ଦେବା ଲାଗି ସୁନିୟୋଜିତ ଏଜେଣ୍ଡାର ଏକ ଅଂଶ। ତେବେ, ସେ ଯାହା ହେଉ, ପ୍ରାୟ ୧୦୦ କୋଟିରୁ ଅଧିକ ଭାରତୀୟଙ୍କ ଜୀବନ ଓ ଜୀବିକା ସହିତ ସଂଶ୍ଳିଷ୍ଟ ଏହି ବିଲ୍‌ର ଚରିତ୍ର ଓ ନାମକୁ ନେଇ ଏକ କ୍ଷୁଦ୍ର ଆଲୋଚନା ଏଠାରେ ପ୍ରାସଙ୍ଗିକ ଭଳି ମନେ ହୋଇଥାଏ। ପ୍ରଥମେ ନୂତନ ବିଲ୍ ?ରେ ଥିବା ନୂତନ ପ୍ରାବଧାନଗୁଡ଼ିକ ଉପରେ କ୍ଷିପ୍ର ଦୃଷ୍ଟିପାତ କରାଯାଉ। ପ୍ରଥମ କଥା ହେଲା, ଏହି ବିଲ୍ ? ଆଇନରେ ପରିଣତ ହେବା ପରେ ପ୍ରତ୍ୟେକ ହିତାଧିକାରୀଙ୍କ ପାଇଁ ବର୍ଷକୁ ୧୨୫ ଦିନର କାର୍ଯ୍ୟ-ସୁଯୋଗ ଉପଲବ୍ଧ ହେବ, ଯାହା ପୂର୍ବରୁ ୧୦୦ ଦିନ ସକାଶେ ଥିଲା। ଦ୍ୱିତୀୟରେ ଫସଲ ଅମଳ କାଳରେ ୬୦ ଦିନ ଲାଗି ଏହି ଯୋଜନାରେ ବିରତି ଲାଗିବ, ଅର୍ଥାତ୍ ଏହି ଆଇନ ଆନୁକୂଲ୍ୟରେ କାହାକୁ ହେଲେ କାର୍ଯ୍ୟ ମିଳିବ ନାହିଁ। ତୃତୀୟରେ, ଜଳ ସୁରକ୍ଷା, ଗ୍ରାମୀଣ ଭିତ୍ତିଭୂମି ବିକାଶ ଏବଂ ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ମୁକାବିଲା ସଂବଳିତ କେବଳ ଚାରିଟି କ୍ଷେତ୍ରରେ ଏହି ଆଇନ ମାଧ୍ୟମରେ ଶ୍ରମବଳ ବିନିଯୁକ୍ତ ହୋଇପାରିବେ ଏବଂ କେଉଁ କାର୍ଯ୍ୟ ହେବ, ତାହା କେନ୍ଦ୍ର ସରକାର ସ୍ଥିର କରିବେ, ଯେଉଁ ନିଷ୍ପତି ପୂର୍ବ ଆଇନରେ ପଚାଂୟତ ସ୍ତରରେ ହେଉଥିଲା। ଚତୁର୍ଥରେ, ପୂର୍ବ ଆଇନ ଅନୁସାରେ ପ୍ରାୟ ପୂର୍ଣ୍ଣ ବ୍ୟୟ ଭାର(୯୦%) କେନ୍ଦ୍ର ସରକାର ବହନ କରୁଥିଲେ; ଅଥଚ ନୂଆ ବ୍ୟବସ୍ଥାରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବ୍ୟୟ ଭାର ୬୦% ଓ ୪୦% ଅନୁପାତରେ ଆବଟିଂତ ହେବ। ତେବେ ନୂଆ ଆଇନରେ ବାୟୋମେଟ୍ରିକ୍ସ, ଏ.ଆଇ. ଓ ଅନ୍ୟ ଡିଜିଟାଲ ପ୍ରଯୁକ୍ତିର ବ୍ୟବହାର ମାଧ୍ୟମରେ ଦୁର୍ନୀତିମୁକ୍ତ, ପାରଦର୍ଶୀ ଏବଂ ହିତାଧିକାରୀଙ୍କୁ ଶୀଘ୍ର ପାଉଣା ପ୍ରଦାନକାରୀ(ଏକ ସପ୍ତାହ ମଧ୍ୟରେ) ବ୍ୟବସ୍ଥାର ସୃଷ୍ଟି ଦିଗରେ ଉଦ୍ୟମ ମଧ୍ୟ କରାଯାଇଛି। ଏଭଳି ସ୍ଥିତିରେ ପ୍ରତିପକ୍ଷ ବା ଭିନ୍ନ ମତବାଦୀଙ୍କ ଆପତିର ମୂଳ କାରଣଟି ହେଲା ନୂଆ ଆଇନର ଭାଷା ଓ ଭାବ ଅନୁସାରେ ପୂର୍ବ ଆଇନରେ ସନ୍ନିହିତ 'ସୁନିଶ୍ଚିତ ରୋଜଗାର' ଭଳି ପ୍ରସଙ୍ଗ 'ଅନିଶ୍ଚିତତା' ମଧ୍ୟକୁ ଠେଲି ହୋଇଯାଇଛି; ଅର୍ଥାତ୍ ବର୍ଷର ଯେ କୌଣସି ସମୟରେ ଜଣେ ସକ୍ଷମ ସାବାଳକ କାର୍ଯ୍ୟ ଦାବି କରି ପାଇବାର ଗ୍ୟାରେଟିଂ ନାହିଁ। କାରଣ ଫସଲ ଅମଳ କାଳରେ ଆଇନର କାର୍ଯ୍ୟକାରିତାରେ ୬୦ ଦିନିଆ ବିରତି ଲାଗିବ। ତା' ସହିତ କେନ୍ଦ୍ର ପକ୍ଷରୁ କାର୍ଯ୍ୟ ପ୍ରଦାନର ବ୍ୟବସ୍ଥାରେ ତୃଣମୂଳ ସ୍ତରରେ ଅନେକ ଅସଂଗତି, ଅସମନ୍ୱୟ ଓ ଅବ୍ୟବସ୍ଥା ଦେଖାଦେବାର ସମ୍ଭାବନା ଅଧିକ। ଏହା ମଧ୍ୟ ଜୀବିକା ଲାଗି ସୁଯୋଗ ଶୂନ୍ୟତାର କାରଣ ହେବ। ପ୍ରକାଶ ଥାଉ କି 'ଜିଏସଟି' ପ୍ରଚଳନ ପରେ ରାଜ୍ୟ ରାଜକୋଷଗୁଡ଼ିକ ବିତୀୟ ଅଭାବର ସମ୍ମୁଖୀନ ହେଉଥିବା ବେଳେ ନୂଆ ଆଇନର ପ୍ରାବଧାନ ଅନୁଯାୟୀ ବ୍ୟୟ ଭାରର ୪୦% ବହନ ଝାରଖଣ୍ଡ ଭଳି କିଛି ରାଜ୍ୟ ସକାଶେ ଅସହନୀୟ ହୋଇପାରେ, ଯେଉଁଠି ଦୈନନ୍ଦିନ ସରକାର ପରିଚାଳନା ଲାଗି ମଧ୍ୟ ବିତ୍ତୀୟ ସଂକଟ ତୀବ୍ର। ସୁତରାଂ, ଏଭଳି ରାଜ୍ୟର ନାଗରିକମାନେ ଜୀବିକାର ସୁନିଶ୍ଚିତତା ହରାଇ ବସିବେ। ଫସଲ ଅମଳକାଳୀନ ବିରତି ସଂଦର୍ଭରେ କୁହାଯାଇପାରେ ଯେ ଯାନ୍ତ୍ରିକୀକରଣର ପ୍ରସାରରୁ କୃଷି କ୍ଷେତ୍ରରେ ମାନବ ଶ୍ରମର ଆବଶ୍ୟକତା ହ୍ରାସ ପାଇଲାଣି। ଏଭଳି ସ୍ଥଳେ କେବଳ ମଧ୍ୟମ ଓ କ୍ଷୁଦ୍ର ଚାଷୀମାନେ ହୁଏତ ଅଧିକ ସଂଖ୍ୟକ କୃଷି ଶ୍ରମିକ ଲୋଡ଼ି ପାରନ୍ତି, ଯେଉଁ ସ୍ଥିତିରେ ମଜୁରି ନ୍ୟୂନତା ନେଇ ମଧ୍ୟ ସମସ୍ୟା ସୃଷ୍ଟି ହେବ। ତେବେ, ବିଲ୍ ?ର ସମର୍ଥକ ପକ୍ଷ କହିଥାଆନ୍ତି ଯେ ପୂର୍ବ ଆଇନରେ ଅମଳ ସମୟକୁ ମିଶାଇ ବର୍ଷକୁ ମାତ୍ର ଶହେ ଦିନର କାର୍ଯ୍ୟର ସୁଯୋଗ ଥିବା ବେଳେ ନୂଆ ଆଇନରେ ପ୍ରକୃତରେ ତାହା ୧୨୫ ଦିନ ସହିତ ଅତିରିକ୍ତ ୬୦ ଦିନକୁ ମିଶାଇ ୧୮୫ ଦିନର କାର୍ଯ୍ୟ ସମ୍ଭାବନା ସୃଷ୍ଟି କରିଛି। ଦ୍ୱିତୀୟରେ, ଚାରିଟି ନିର୍ଦ୍ଦିଷ୍ଟ କ୍ଷେତ୍ରରେ କାର୍ଯ୍ୟ ସୃଷ୍ଟିର ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ବିକାଶକୁ ଉଭୟ ଦିଗ ଓ ବେଗ ପ୍ରଦାନ କରିବା ଏବଂ ସ୍ଥାୟୀ ସଂପଦ ସୃଷ୍ଟି କରିବା, ଯାହା ପୂର୍ବରୁ 'ଗାତ ଖୋଳା ଓ ଗାତ ପୋତା' ଭଳି ଅର୍ଥହୀନ କାର୍ଯ୍ୟରେ ବିପୁଳ ଅର୍ଥ ବ୍ୟୟ ଓ ଦୁର୍ନୀତି ଲାଗି ପଥ ପରିଷ୍କାର କରିଥିଲା। ସେମାନେ କହିଥାଆନ୍ତି ଯେ ବ୍ୟୟରେ ରାଜ୍ୟ ସରକାରଙ୍କ ଭାଗୀଦାରିର ଉଦ୍ଦେଶ୍ୟ ହେଲା ଯୋଜନାର କାର୍ଯ୍ୟାନ୍ୱୟନରେ ରାଜ୍ୟ ସରକାରଙ୍କ ଦାୟିତ୍ୱପୂର୍ଣ୍ଣ ସଂପୃକ୍ତିର ଅଙ୍ଗୀକାର, ଯାହା ଏକଦା ୟୁପିଏ ଅମଳର ଅର୍ଥମନ୍ତ୍ରୀ ପି. ଚିଦମ୍ବରମ ପ୍ରକାଶ୍ୟରେ ଲୋଡ଼ି ଥିଲେ ଏବଂ ଫସଲ ଅମଳକାଳୀନ ବିରତି ସକାଶେ ପୂର୍ବରୁ ଏନ.ସି.ପି.ର ମୁଖ୍ୟ ଶରଦ ପାୱାର ଦୃଢ଼ ଯୁକ୍ତି ପୋଷଣ କରିଥିଲେ, ଯେଉଁ ଦୁଇ ଜଣ ସଂପ୍ରତି ନୂତନ ଆଇନର ବିରୋଧୀ ପକ୍ଷଭୁକ୍ତ। ତେବେ, ରାଜନୈତିକ ବାଦାନୁବାଦ ଅତିକ୍ରମ କରି ଏ କ୍ଷେତ୍ରରେ ସଂପୃକ୍ତ ବିଶେଷଜ୍ଞମାନଙ୍କ ମତ ଲୋଡ଼ିଲେ ଯେଉଁ ବିଷୟଟି ପ୍ରକୃତ ଉଦ୍‌ବେଗର କାରଣ ହୋଇଛି, ତାହା ହେଲା ନୂଆ ଆଇନରେ କାର୍ଯ୍ୟ ଯୋଗାଇବା ନେଇ ନିର୍ଭର ପ୍ରତିଶ୍ରୁତିର ଅଭାବ। ଭାରତୀୟ ନାଗରିକରେ ପରିଣତ ହୋଇଥିବା ବେଲଜିଆନ ସମାଜ ବିଜ୍ଞାନୀ ଓ ଜନ ବିଦ୍ୱାନ ଜ୍ୟାଁ ଡ୍ରେଜଙ୍କ ମତରେ ନୂଆ ଆଇନଟି ପୁରୁଣାର ରୂପାନ୍ତର ନୁହେଁ; ଏହା ଏକ ନୂତନ ଆଇନ, ଯହିଁରେ ଜୀବିକା ପ୍ରଦାନର ଗ୍ୟାରେଟିଂ ନାହିଁ। ସେ କହନ୍ତି ଯେ ଦରିଦ୍ର ନାଗରିକଙ୍କୁ ରୋଜଗାରର ଗ୍ୟାରେଟିଂ ଦେଉଥିବା ପୃଥିବୀର ଏକ ମାତ୍ର ଦେଶ ରୂପେ ଭାରତର ସୁପରିଚିତି ବର୍ତମାନ କ୍ଷୁଣ୍ଣ ହେବାକୁ ଯାଉଛି; ଅନ୍ୟଥା ଏହି କ୍ଷେତ୍ରରେ ଭାରତ ବାସ୍ତବରେ ବିଶ୍ୱଗୁରୁ ରୂପେ ପ୍ରତିଭାତ ହେଉଥିଲା। ସେହିଭଳି ଏକ ସାକ୍ଷାତ୍‌କାରରେ ଲେଖକ ଓ ରାଜନୈତିକ ଅର୍ଥନୀତି ବିଶାରଦ ଶଙ୍କର ଆୟର କହିଥାନ୍ତି ଯେ କୌଣସି ବିକାଶର ଯୋଜନା

# ଏଲ ନିନୋ ୨୦୨୬ ଓ ସମ୍ଭାବ୍ୟ ପ୍ରଭାବ

ଏଲି ନିନୋ ! ଏ ଅଜବ ଶବ୍ଦଟି ପୁଣି କ'ଣ ? ସାଧାରଣ ଲୋକଟିଏ ନିଶ୍ଚୟ ମନ ଭିତରେ ଆଧୁନିକତାର ଅଭିଧାନରୁ ଗୋଟିଏ ଭୟ ସୃଷ୍ଟି କରିସାରିଥିବ । ପୂର୍ବ ଇତିହାସ ଭଳି ଚଳିତ ବର୍ଷ ଏଲ୍ ନିନୋର ଘଟଣା ପୁଣିଥରେ ଚର୍ଚ୍ଚାରେ । ଏହା ସାରା ବିଶ୍ୱରେ ପାଣିପାଗ ବ୍ୟବସ୍ଥାକୁ ପ୍ରଭାବିତ କରୁଥିବା ସବୁଠାରୁ ପ୍ରଭାବଶାଳୀ ଜଳବାୟୁ ଘଟଣା । ତେଣୁ ଏହିବର୍ଷ ବୈଜ୍ଞାନିକ ଏବଂ ପରିବେଶବିତ୍ମାନେ ସେଥିପ୍ରତି କଡ଼ା ନଜର ରଖିଛନ୍ତି, କାରଣ ଏହା ସିଧାସଳଖ ମୌସୁମୀର ଢାଚାଂ, କୃଷି, ମତ୍ସ୍ୟଚାଷ, ଜଳର ସୁରକ୍ଷା, ଜନସ୍ୱାସ୍ଥ୍ୟ ଏବଂ ଅର୍ଥନୈତିକ ସ୍ଥିରତା ଉପରେ ଗଭୀର ପ୍ରଭାବ ପକାଇବ । ଯଦିଓ ଏଲ୍ ନିନୋ ପ୍ରକୃତିର ଏକ ପୁନରାବୃତିଶୀଳ ଜଳବାୟୁ ଘଟଣା, ଜଳବାୟୁ ପରିବର୍ତନ ସହିତ ଏହାର ପାରସ୍ପରିକ କ୍ରିୟା, ପୁନରାବୃତ୍ତି ଏବଂ ତୀବ୍ରତାକୁ ବୃଦ୍ଧି କରିଛି । ତେଣୁ ଚଳିତ ବର୍ଷର ଏଲ୍ ନିନୋ କେବଳ ଏକ ପାଣିପାଗ ଘଟଣା ଭାବରେ ନୁହେଁ ବରଂ ସାମାଜିକ, ଅର୍ଥନୈତିକ ଏବଂ ପରିବେଶଗତ ପ୍ରଭାବ ସହିତ ଏକ ବହୁମୁଖୀ ଆହ୍ୱାନ । ସୂଚନାଯୋଗ୍ୟ, ଯୁକ୍ତରାଷ୍ଟ୍ର ଆମେରିକାର ଜାତୀୟ ସମୁଦ୍ର ଏବଂ ବାୟୁମଣ୍ଡଳୀୟ ପ୍ରଶାସନ ଚଳିତ ବର୍ଷର ଏଲ୍ ନିନୋକୁ ମଇରୁ ଜୁଲାଇ ମାସ ମଧ୍ୟରେ ହେବା ୮୨% ନିଶ୍ଚିତ କରିଛି । ତେବେ ଏଲ୍ ନିନୋ ଆମର କ'ଣ ବିଗାଡ଼ିବ ? ସଂକ୍ଷେପରେ ବୁଝିବା ଏବେ । ଆମେ ନିଜେ ସିନା ନିଜ ବିଲବାଡ଼ିର ସରହଦ ତିଆରି କରିପାରୁଛେ କିନ୍ତୁ ବାୟୁମଣ୍ଡଳର ନୁହେଁ ନା କହିବା ତାତ୍ପର୍ଯ୍ୟ, ଅନ୍ୟ କେଉଁଆଡ଼େ ବାୟୁମଣ୍ଡଳର ଅବସ୍ଥା ଯଦି ବିଗିଡ଼ିଯାଏ ତେବେ ତାହାର ପ୍ରଭାବ ନିଶ୍ଚୟ ଆମ ଉପରେ ପଡ଼ିବ । ସଂକ୍ଷିପ୍ତରେ, ଏଲ୍ ନିନୋ ଏକ ବାୟୁମଣ୍ଡଳୀୟ ଘଟଣା । ଆମ ପୃଥିବୀର ସବୁଠୁଁ ବଡ଼ ମହାସାଗର ହେଉଛି ପ୍ରଶାନ୍ତ ମହାସାଗର ଏବଂ ଏହାର ଉପର ବାୟୁମଣ୍ଡଳ ଆମ ଦେଶର ଜଳବାୟୁକୁ ମଧ୍ୟ ପ୍ରଭାବ ପକାଏ । ଏହି ମହାସାଗରର ପୂର୍ବ ଭାଗରେ ଏବଂ ପଶ୍ଚିମ ଭାଗରେ ସଦା ଜଳ ତାପମାତ୍ରାର ତାରତମ୍ୟ ଥାଏ । ତାପମାତ୍ରାର ତାରତମ୍ୟ ଥିବା ଏହି ଜଳ ଉପରେ ପ୍ରବାହିତ ବାୟୁ ହିଁ କୌଣସି ବର୍ଷ ଏଲ୍ ନିନୋ ହେବ କି ନାହିଁ ନିର୍ଦ୍ଧାରଣ କରିଥାଏ । ଏହି ବାୟୁ ଚଳାଚଳ ଉପରେ ମଧ୍ୟ ଆମ ଦେଶର ଦକ୍ଷିଣ ପଶ୍ଚିମ ମୌସୁମୀ ନିର୍ଭରଶୀଳ । ଗ୍ରୀଷ୍ମଋତୁରେ ଭାରତର ସ୍ଥଳଭାଗ ଉତପ୍ତ ଏବଂ ଅନ୍ୟପକ୍ଷରେ ଭାରତ ମହାସାଗର ଉପର ବାୟୁମଣ୍ଡଳ ଅପେକ୍ଷାକୃତ ଥଣ୍ଡା ଥାଏ । ତେଣୁ ବାୟୁମଣ୍ଡଳୀୟ ନିୟମ ଅନୁଯାୟୀ ଗରମ ଅଚଂଳରେ ବାୟୁ ଉର୍ଦ୍ଧ୍ୱମୁଖୀ ହୁଏ ତେଣୁ ସେଠାରେ ବାୟୁ ପତଳା ଥାଏ । ଦକ୍ଷିଣ ଭାରତ ମହାସାଗରର ଇଣ୍ଡୋନେସିଆ ନିକଟବର୍ତୀ ଅଚଂଳରେ ଘନବାଦଲ ସମୟକ୍ରମେ ସୃଷ୍ଟି ହୋଇଥାଏ ଏବଂ ଗ୍ରୀଷ୍ମ ଯୋଗୁଁ ଭାରତ ମହାସାଗରର ଘନ ବାୟୁମଣ୍ଡଳରୁ ସ୍ଥଳଭାଗର ପତଳା ବାୟୁମଣ୍ଡଳକୁ ପ୍ରବେଶ କରିବା ହେତୁ କେରଳ ଦେଇ ଏହି ବାଦଲ ଭାରତ ମଧ୍ୟରେ ପ୍ରବେଶ କରେ । କିନ୍ତୁ ଇଣ୍ଡୋନେସିଆର ପୂର୍ବଭାଗରେ ଆଉ ଗୋଟିଏ ପ୍ରକ୍ରିୟା ମଧ୍ୟ ଚାଲୁଥାଏ ଯାହା ପ୍ରଶାନ୍ତ ମହାସାଗର ସହ ଜଡ଼ିତ । ପ୍ରଶାନ୍ତ ମହାସାଗରର ପୃଥିବୀର ବିଷୁବରେଖା ଅଚଂଳରେ ସଦା ସୂର୍ଯ୍ୟଙ୍କ ସର୍ବାଧିକ ଆଲୋକ ଓ ଉତ୍ତାପ ପାଇଥାଏ, ଯଦ୍ଦ୍ୱାରା ଏହାର ଉପର ଜଳଭାଗ ସଦା ଗରମ ଥାଏ । ପ୍ରଶାନ୍ତ ମହାସାଗରର ପୂର୍ବଭାଗ ଯାହା ଦକ୍ଷିଣ ଆମେରିକା ନିକଟତର, ସେଠାରୁ ପବନ ପୂର୍ବଦିଗକୁ ବହେ । ଏହି ପବନକୁ ପ୍ରକାରାନ୍ତରେ 'ବଣିଜ ପବନ' ମଧ୍ୟ କହନ୍ତି, କାରଣ ପୂର୍ବରୁ ଅନେକ ନାବିକ ଏହି ପବନ ସହାୟତାରେ ନିଜ ଜାହାଜ ନେଇ ବିଭିନ୍ନ ଦେଶକୁ ଯାତ୍ରା କରିପାରୁଥିଲେ । ଏହି ପବନ ପ୍ରଶାନ୍ତ ମହାସାଗରର ଉତପ୍ତ ଜଳକୁ ଠେଲିଆଣି ଇଣ୍ଡୋନେସିଆ ପୂର୍ବ ପାଖରେ ଜମା କରେ, ତେଣୁ ଇଣ୍ଡୋନେସିଆର ପୂର୍ବ ଭାଗ ଗୋଟିଏ ପ୍ରକାର ଗରମ ଜଳର ଟାଙ୍କି ସଦୃଶ ହୋଇପଡେ । ଏହି ଗରମ ପାଣି ବାଷ୍ପୀଭୂତ ହୋଇ ବାଦଲ ରୂପ ନିଏ ଏବଂ ଭାରତର ଦକ୍ଷିଣ ପଶ୍ଚିମ ବାୟୁ ଆଡ଼କୁ ଟାଣିହୋଇ ଭାରତରେ ବୃଷ୍ଟିପାତ କରାଏ । ଏଲ୍ ନିନୋ ଯୋଗୁଁ ବଣିଜ ବାୟୁ ଦୁର୍ବଳ ହୋଇଥାଏ । ଏହାର କାରଣ ଏବେବି ଅସ୍ପଷ୍ଟ, କିନ୍ତୁ ବାୟୁମଣ୍ଡଳୀୟ ଚାପ ଏବଂ ସୂର୍ଯ୍ୟଙ୍କ ରଶ୍ମି ଓ ତାପର ତାରତମ୍ୟ ଯୋଗୁଁ ବଣିଜ ପବନ ଦୁର୍ବଳ ହେବା ଅନୁମିତ ହୁଏ । ବଣିଜ ବାୟୁ ଦୁର୍ବଳ ଯୋଗୁଁ ପ୍ରଶାନ୍ତ ମହାସାଗରର ଗରମ ପାଣି ଇଣ୍ଡାନେସିଆ ଆଡ଼କୁ ନଆସି ବିପରୀତ ଦିଗ ଅର୍ଥାତ୍ ପ୍ରଶାନ୍ତ ମହାସାଗରର ପୂର୍ବକୁ ଯାଇ ଦକ୍ଷିଣ ଆମେରିକା ପହଚିଂଯାଏ । ଯେହେତୁ ଏଲ୍ ନିନୋ ଇଣ୍ଡୋନେସିଆ ଉପରେ ସୃଷ୍ଟି ହୋଇଥିବା ବାଦଲକୁ ଭାରତର ବିପରୀତ ଦିଗକୁ ଟାଣିନିଏ । ତେଣୁ ସୃଷ୍ଟି ହୋଇଥିବା ବାଦଲ ଭାରତଠାରୁ ଦୂରେଇଯାଏ ଏବଂ ଭାରତରେ ବର୍ଷା ହୁଏନାହିଁ । ପରିଣାମରେ ସମସ୍ତ ବିପନ୍ନି ବିନା ନିମନ୍ତ୍ରଣରେ ଆସି ପହଚିଂଯାନ୍ତି । ଭାରତୀୟ ପାଣିପାଗ ବିଭାଗ ଏବଂ ଜଳବାୟୁ ବୈଜ୍ଞାନିକମାନେ ଏଲ୍ ନିନୋ ସହ ଭାରତର ପରିସ୍ଥିତିକୁ ନେଇ ଗଭୀର ବିପତିକୁ ସୂଚେଇବାରେ ଲାଗିଲେଣି । ବର୍ଷାର ଅନିଶ୍ଚିତତା, ଅଧିକ ଗରମ ଏବଂ ମରୁଡ଼ି ଏଥିମଧ୍ୟରେ ଅନ୍ତର୍ଭୁକ୍ତ । କୃଷି ଗୁରୁତର କ୍ଷତି ସହିବ । ଯେପରିକି ଧାନ, ଡାଲି ଓ ତୈଳବୀଜ ଆଦି ଶସ୍ୟର ଗଜାମରୁଡ଼ି ହେବ । ଫଳଚାଷ ଅତ୍ୟଧିକ ତାପମାତ୍ରା ସହିପାରିବନି, ତେଣୁ ଫଳର ଗୁଣବତା ସହ ବୃକ୍ଷର ଆୟୁଷ ମଧ୍ୟ ହ୍ରାସପାଇବ । ଅତ୍ୟଧିକ ତାପମାତ୍ରା ଯୋଗୁଁ ପଶୁଚାରାର ଉତ୍ପାଦନ ମଧ୍ୟ କମିବ, ପଶୁମାନଙ୍କ ସ୍ୱାସ୍ଥ୍ୟ ଖରାପ ହେବ ଏବଂ ଦୁଗ୍ଧ ଉତ୍ପାଦନର ବ୍ୟତିକ୍ରମ ହେବ । ଏଲ୍ ନିନୋ ପ୍ରାୟତଃ ସାରା ଭାରତରେ ବର୍ଷା, ନଦୀପ୍ରବାହ, ଜଳଭଣ୍ଡାର ଏବଂ ଭୂତଳ ଜଳ ପୁନଃଭରଣ ହ୍ରାସକରି ଗୁରୁତ୍ୱପୂର୍ଣ୍ଣ ଜଳସମ୍ପଦ ଉପରେ ଚାପ ସୃଷ୍ଟି କରିବ । ଫଳସ୍ୱରୂପ, ସହରାଚଂଳ ଏବଂ ଗ୍ରାମାଚଂଳ ଉଭୟ ଜଳାଭାବକୁ ସାମ୍ନା କରିବେ । ଏଲ୍ ନିନୋର ଜନସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡ଼ିବ । ବର୍ଦ୍ଧିତ ତାପମାତ୍ରା, ପରିବର୍ତିତ ଆର୍ଦ୍ରତା ସ୍ତର ଏବଂ ଜଳାଭାବ ଷ୍ଟ୍ରୋକ, ଡିହାଇଡ୍ରେସନ୍, ଥକ୍କାପଣ ଏବଂ ହୃଦରୋଗର ଆଶଙ୍କା ବଢ଼ାଇବ । କୃଷି କ୍ଷତି ଏବଂ ବର୍ଦ୍ଧିତ ଖାଦ୍ୟମୂଲ୍ୟ ମଧ୍ୟ ପୁଷ୍ଟିକର ସୁରକ୍ଷାକୁ ପ୍ରଭାବିତ କରିବ । ଏହା ସହିତ ଫସଲ ବିଫଳତା, କୃଷି ଆୟ ହ୍ରାସ, ଋଣବୋଝ ଏବଂ ଜୀବିକା ନିର୍ବାହ ବିଷୟରେ ଅନିଶ୍ଚିତତା ଚିନ୍ତା ଅନ୍ୟାନ୍ୟ ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ବଢ଼ାଇବ । ଏଲ୍ ନିନୋ ମତ୍ସ୍ୟସମ୍ପଦ ଏବଂ ଉପକୂଳୀୟ ଜୀବିକା ଉପରେ ଗୁରୁତର ପ୍ରଭାବ ପକାଇବ । ମତ୍ସ୍ୟଜୀବୀ ପରିବାର ସମୁଦ୍ର ଏବଂ ଅନ୍ତର୍ଦେଶୀୟ ଜଳଜ ସମ୍ପଦ ଉପରେ ନିର୍ଭରଶୀଳ ଥିବାରୁ ସେମାନଙ୍କର ଜୀବିକା ଓ ଆୟ ପ୍ରଭାବିତ ହେବ । ଏଲ୍ ନିନୋ ସମୟରେ ସମୁଦ୍ରପୃଷ୍ଠର ତାପମାତ୍ରାରେ ପରିବର୍ତନ ଘଟିବା ଫଳରେ ମାଛମାନଙ୍କର ଗତିବିଧି, ପ୍ରଜନନ ଚକ୍ର ଓ ସାମୁଦ୍ରିକ ଉତ୍ପାଦନ କ୍ଷମତା ବଦଳିଯିବ, ଯାହା ମାଛଧରା ପରିମାଣକୁ ହ୍ରାସକରିବ ଏବଂ ଉପକୂଳୀୟ ମତ୍ସ୍ୟଜୀବୀମାନଙ୍କ ଆୟ କମାଇଦେବ । କମ୍ ବର୍ଷା ହେତୁ ପୋଖରୀ, ଜଳାଶୟ ଓ ଜଳଭଣ୍ଡାରଗୁଡ଼ିକରେ ଜଳର ଉପଲବ୍ଧତା ହ୍ରାସପାଇବ, ଯାହା ଅନ୍ତର୍ଦେଶୀୟ ମତ୍ସ୍ୟଚାଷ କାର୍ଯ୍ୟକଳାପକୁ ପ୍ରଭାବିତ କରିବ । ଏହା ସହିତ ଲବଣାକ୍ତତାର ପରିବର୍ତନ ଓ ଜଳପ୍ରବାହ ବ୍ୟବସ୍ଥାରେ ବିକୃତି ଘଟିବା ଫଳରେ ହେନ୍ତାଳବଣ ପରିବେଶଗତ ଚାପର ସମ୍ମୁଖୀନ ହେବ । ବର୍ଷା ହ୍ରାସପାଇବା ଓ ତାପମାତ୍ରା ବୃଦ୍ଧି ଘଟିବାରୁ ଜଙ୍ଗଲ ଅଧିକ ଶୁଷ୍କ ହୋଇପଡ଼ିବ ଏବଂ ବନାଗ୍ନିର ଆଶଙ୍କା ବହୁଗୁଣ ହେବ । ଜଳାଭାବ ଯୋଗୁଁ ବନ୍ୟଜନ୍ତୁମାନଙ୍କର ଚଳପ୍ରଚଳ, ଖାଦ୍ୟ ସଂଗ୍ରହ ଏବଂ ପ୍ରାକୃତିକ ବାସସ୍ଥାନ ପ୍ରଭାବିତ ହେବ । ଏସବୁ ପ୍ରକାରାନ୍ତରେ ଜୈବ ବିବିଧତାର କ୍ଷୟ ମଧ୍ୟ ଘଟାଇବେ । ଅଣକାଠ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ ଆଦିବାସୀ ସମୁଦାୟମାନଙ୍କର ଜୀବନ ଓ ଜୀବିକା ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଇବ । ସର୍ବୋପରି ଏଲ୍ ନିନୋ ଦେଶର ଅର୍ଥନୀତି ଉପରେ ବିଭିନ୍ନ ପ୍ରଭାବ ପକାଇବ । ଅନିୟମିତ କିମ୍ବା କମ୍ ବର୍ଷା ହେତୁ କୃଷି ଉତ୍ପାଦନ ହ୍ରାସ ପାଇଲେ ଖାଦ୍ୟଦ୍ରବ୍ୟର ମୂଲ୍ୟ ବଢ଼ିବ । ଅତ୍ୟଧିକ ଉଷ୍ମତା କାରଣରୁ ଶୀତଳୀକରଣ ପାଇଁ ବିଦ୍ୟୁତ ଚାହିଦା ବଢ଼ିବ, ଯାହା ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଓ ଶକ୍ତି ଭିତ୍ତିଭୂମି ଉପରେ ଅତିରିକ୍ତ ଚାପ ସୃଷ୍ଟି କରିବ । ପ୍ରତିକୂଳ ପାଣିପାଗ ଯୋଗୁଁ ଫସଲ ବୀମା ଦାବି ବୃଦ୍ଧିପାଇବ ଏବଂ କୃଷି ସହ ଜଡ଼ିତ ବୀମା କମ୍ପାନୀ, ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାମାନେ ଅଧିକ ଆର୍ଥିକ ବିପଦର ସାମ୍ନା କରିବେ । ଏହି ସମସ୍ତ କାରଣ ମିଶି ଦେଶର ସାମଗ୍ରିକ ଆର୍ଥିକ ସ୍ଥିରତା ଓ ବିକାଶ ଉପରେ ନକାରାତ୍ମକ ପ୍ରଭାବ ପକାଇବେ । ଏଲ୍ ନିନୋକୁ ସମ୍ପୂର୍ଣ୍ଣ ରୂପେ ରୋକିବା ମାନବ ପକ୍ଷରେ ସମ୍ଭବ ନୁହେଁ । ଜଳବାୟୁ ପରିବର୍ତନ ରୋକିଲେ ପରୋକ୍ଷରେ ଏହାର ପ୍ରଭାବକୁ ଯଥେଷ୍ଟ ହ୍ରାସ କରାଯାଇପାରିବ । ଏହାର ପ୍ରଭାବକୁ ପୂର୍ବରୁ ଅନୁମାନ କରି, କ୍ଷୟକ୍ଷତିକୁ ସର୍ବନିମ୍ନ ସ୍ତରକୁ ଆଣି ଏବଂ ଏକ ଜଳବାୟୁ-ସହନଶୀଳ ବିଶ୍ୱ ଗଠନ କରିବା ହିଁ ଅଧୁନା ଆମର ସର୍ବବୃହତ ଦାୟିତ୍ୱ ।

# ବ୍ୟକ୍ତିଗତ ସମୃଦ୍ଧି ଏବଂ ସାର୍ବଜନୀନ କଲ୍ୟାଣ

ପ୍ରସିଦ୍ଧ ଅର୍ଥନୀତିଜ୍ଞ ଏବଂ ସାମାଜିକ ସମାଲୋଚକ ଜନ୍ କେନେଥ୍ ଗାଲବ୍ରେଥ ତାଙ୍କର ଐତିହାସିକ କୃତି 'ଦି ଆଫ୍ଲୁଏଟଂ ସୋସାଇଟି' (ଙ୍ଖଷର ଇଲଲକ୍ଷଙ୍କରଭତ୍ପ ଝଙ୍କମସରତ୍ପଚ୍ଛ)ରେ ଆଧୁନିକ ପୁଞ୍ଜିବାଦୀ ସମାଜ ଏବଂ ଭୌତିକ ବା ବସ୍ତୁଗତ ସମୃଦ୍ଧି ଙ୍କବତ୍ପରକ୍ସସବକ୍ଷ କ୍ଷ୍ରକ୍ସକ୍ଟତ୍ପକ୍ଷ୍ରରକ୍ସସତ୍ପଚ୍ଛ)ତଳେ ଲୁଚି ରହିଥିବା ବିରୋଧାଭାସଗୁଡ଼ିକୁ କଠୋର ଭାବେ ସମାଲୋଚନା କରିଥିଲେ । ପାଶ୍ଚାତ୍ୟ ଦେଶରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି, ବିକାଶ ସମୟରେ ଉତ୍ପାଦନ ଏବଂ ଆର୍ଥିକ ଅଭିବୃଦ୍ଧି ଆପେ ଆପେ ସାମାଜିକ ପ୍ରଗତି ଏବଂ ମାନବ କଲ୍ୟାଣ ହାସଲ କରେ ବୋଲି ଯେଉଁ ଦୃଢ଼ ଧାରଣା ସୃଷ୍ଟି କରାଯାଇଥିଲା, ଏହି ପୁସ୍ତକରେ ସେ ତାହାକୁ ବ୍ୟାପକ ଭାବରେ ଚ୍ୟାଲେଞ୍ଜ କରିଥିଲେ । ଗାଲବ୍ରେଥ ଯୁକ୍ତି ଦେଇଥିଲେ ଯେ ଧନୀ, ପୁଞ୍ଜିପତିମାନେ ଗୋଟିଏପଟେ ପ୍ରାୟତଃ ପ୍ରଚୁର ବ୍ୟକ୍ତିଗତ ସମ୍ପଦ ସୃଷ୍ଟି କରନ୍ତି ଏବଂ ଅତ୍ୟଧିକ ଉପଭୋକ୍ତାବାଦକୁ ପ୍ରୋତ୍ସାହିତ କରନ୍ତି ଏବଂ ଅନ୍ୟପଟରେ ସାର୍ବଜନୀନ କଲ୍ୟାଣ ଏବଂ ଅତ୍ୟାବଶ୍ୟକ ସାମାଜିକ ଭିତ୍ତିଭୂମିକୁ ଅବହେଳା କରନ୍ତି । ବିଳାସପୂର୍ଣ୍ଣ ଘର, ମହଙ୍ଗା ଅଟୋମୋବାଇଲ ଏବଂ ପ୍ରଚୁର ଉପଭୋକ୍ତା ସାମଗ୍ରୀ ହାସଲ କରିବାବେଳେ ସରକାରୀ ବିଦ୍ୟାଳୟ, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ଗୃହ, ପରିବହନ, ପରିବେଶ ସୁରକ୍ଷା ପ୍ରାୟତଃ ଦୁର୍ବଳ, ଅନୁପଯୁକ୍ତ କିମ୍ବା ଅପର୍ଯ୍ୟାପ୍ତ ରହିଥାଏ । ଗାଲବ୍ରେଥଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୁକ୍ତି ମଧ୍ୟରୁ ଗୋଟିଏ ଥିଲା ଯେ ଆଧୁନିକ ପୁଞ୍ଜିବାଦ ଉଗ୍ର ବିଜ୍ଞାପନ ଏବଂ କର୍ପୋରେଟ୍‌ଙ୍କ ପ୍ରଭାବ ମାଧ୍ୟମରେ କୃତ୍ରିମ ଚାହିଦା ସୃଷ୍ଟିକରେ । ବଜାର ଶକ୍ତି ଓ ଉପଭୋକ୍ତାବାଦ ସଂସ୍କୃତି ଯୋଗୁଁ ଲୋକମାନେ ଆବଶ୍ୟକତାଠାରୁ ବହୁ ଅଧିକ ବ୍ୟୟ କରନ୍ତି ବା ବିଭିନ୍ନ ଦ୍ରବ୍ୟ ଓ ସେବା କିଣନ୍ତି । ଏପରି ଏକ ବ୍ୟବସ୍ଥାରେ ବ୍ୟକ୍ତିଗତ ଷ୍ଟାଟସ୍, ବ୍ୟବହାର ସଫଳତାର ପ୍ରତୀକ ହୋଇଯାଏ, ଯେତେବେଳେ ସାମୂହିକ ସାମାଜିକ ଆବଶ୍ୟକତା କ୍ରମଶଃ ହ୍ରାସପାଏ । ଏହି ପୁସ୍ତକଟି ''କ୍ଷ୍ରକ୍ସସଙ୍ଖବତ୍ପର ବଲଲକ୍ଷଙ୍କରଭମର ବଭୟ କ୍ଷ୍ରଙ୍କଭକ୍ଷସମ କ୍ଷ୍ରକ୍ଟଙ୍ଖରକ୍ସତ୍ପଚ୍ଛ..' 'ବ୍ୟକ୍ତିଗତ ସମୃଦ୍ଧି ଏବଂ ସାର୍ବଜନୀନ ଦାରିଦ୍ର୍ୟ' ମଧ୍ୟରେ ଅସନ୍ତୁଳନକୁ ମଧ୍ୟ ପ୍ରକାଶ କରିଛି । ଗାଲବ୍ରେଥ ଏପରି ଏକ ବୈଷମ୍ୟପୂର୍ଣ୍ଣ ସମାଜ ଉପରେ ପ୍ରଶ୍ନ ଉଠାଇଥିଲେ, ଯେତେବେଳେ ବ୍ୟକ୍ତିମାନେ ଅଧିକ ଭୌତିକ ସୁଖ ସୁବିଧା ଉପଭୋଗ କରିଲାବେଳେ ସରକାରୀ ଅନୁଷ୍ଠାନଗୁଡ଼ିକ ନିମ୍ନମୁଖୀ ହୋଇଥାଏ ଏବଂ ସାମାଜିକ ଅସମାନତା ବୃଦ୍ଧିପାଏ । ସେ ଚେତାବନୀ ଦେଇଥିଲେ ଯେ, ଅନିୟନ୍ତ୍ରିତ କର୍ପୋରେଟ୍ ପ୍ରଭାବ ଏବଂ ବଜାରଚାଳିତ ଅଭିବୃଦ୍ଧିରେ ଅନ୍ଧବିଶ୍ୱାସ ଗଣତନ୍ତ୍ରକୁ ଦୁର୍ବଳ କରିପାରେ, ସାମାଜିକ ବିଭାଜନକୁ ଗଭୀର କରିପାରେ ଏବଂ ମାନବିକ ମୂଲ୍ୟବୋଧକୁ କେବଳ ଆର୍ଥିକ କାରବାରରେ ସୀମିତ ରଖିପାରେ । ଆର୍ଥିକ ଦିଗ ବ୍ୟତୀତ 'ଦି ଆଫ୍ଲୁଏଟଂ ସୋସାଇଟି' ଅସମାନତା, ସାମାଜିକ ନ୍ୟାୟ, ସାର୍ବଜନୀନ ଦାୟିତ୍ୱ ଏବଂ ଆଧୁନିକ ସଭ୍ୟତାର ନୈତିକ ଦିଗ ଉପରେ ଏକ ଗଭୀର ପ୍ରତିଫଳନ କରିଛି । ଆଜି ମଧ୍ୟ ଗାଲବ୍ରେଥ୍‌ଙ୍କ ଏହି ଧାରଣା କର୍ପୋରେଟ୍‌ଙ୍କ କ୍ଷମତା ଓ ପ୍ରଭାବ, ଗ୍ରାହକ ସଂସ୍କୃତି, ଘରୋଇକରଣ, ପରିବେଶଗତ ଅବକ୍ଷୟ ଏବଂ ସାମାଜିକ କଲ୍ୟାଣ ସୁନିଶ୍ଚିତ କରିବାରେ ରାଷ୍ଟ୍ରର ଭୂମିକା ସମ୍ପର୍କରେ ବିତର୍କରେ ପ୍ରତିଧ୍ୱନିତ ହେଉଛି । ପୁସ୍ତକଟି ଉପଭୋକ୍ତା ପୁଞ୍ଜିବାଦର ସବୁଠାରୁ ପ୍ରଭାବଶାଳୀ ସମାଲୋଚନା ମଧ୍ୟରୁ ଗୋଟିଏ ଭାବରେ ଠିଆ ହୋଇଛି ଏବଂ ଆଧୁନିକ ବିଶ୍ୱରେ ଧନ, କ୍ଷମତା, ଅସମାନତା ଏବଂ ସମାଜ ମଧ୍ୟରେ ସମ୍ପର୍କକୁ ବୁଝିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ ଏହା ଅତ୍ୟାବଶ୍ୟକୀୟ ପାଠ୍ୟ ଅଟେ । ସମ୍ପ୍ରତି ଏହି ତତ୍ତ୍ୱର ଗୁରୁତ୍ୱ ବେଶି ବୃଦ୍ଧିପାଇଛି । ସଂପ୍ରତି ବିଶ୍ୱର ଅରବପତି ବା ବିଲିୟନେୟାରସ୍ ବା ସବୁଠାରୁ ଧନୀବ୍ୟକ୍ତିମାନଙ୍କ ସମ୍ପଦ ଦ୍ରୁତଗତିରେ ବୃଦ୍ଧିପାଇ ଅଭୂତପୂର୍ବ ସ୍ତରରେ ପହଚିଂଥିବାରୁ ଗାଲବ୍ରେଥଙ୍କ ଏହି ପ୍ରଶ୍ନଗୁଡ଼ିକ ଆହୁରି ପ୍ରାସଙ୍ଗିକ ହୋଇଗଲାଣି । ୨୦୨୬ ମସିହାରେ 'ଫୋର୍ବସ'ର ସର୍ବଶେଷ ବିଶ୍ୱ ଅରବପତି ରାଙ୍କିଂଗ ଅନୁଯାୟୀ, ଶ୍ରେଷ୍ଠ ଦଶଜଣ ଅରବପତିଙ୍କ ମିଳିତ ସମ୍ପଦ ପ୍ରାୟ ୨.୯ ଟ୍ରିଲିଅନ ଡଲାରରେ ପହଚିଂଛି । ଏହି ସାନ୍ଦ୍ରତାର ସମ୍ପୂର୍ଣ୍ଣ ପରିମାଣ ବୁଝିବା କଷ୍ଟକର । ଯଦି ବିଶ୍ୱର ଶ୍ରେଷ୍ଠ ଦଶଜଣ ଅରବପତିଙ୍କ ମିଳିତ ୨.୯ ଟ୍ରିଲିଅନ ସମ୍ପଦକୁ ସମ୍ପୂର୍ଣ୍ଣ ଭାବରେ ୧୦୦ଡଲାର ଆମେରିକୀୟ ନୋଟ୍‌ରେ ରୂପାନ୍ତରିତ କରାଯାଏ, ତେବେ ଏହା ପ୍ରାୟ ୨୯୦୦୦ ମେଟ୍ରିକ୍ ଟନ୍ ଓଜନର ପ୍ରାୟ ୨୯ ବିଲିଅନ (୨୯୦୦ କୋଟି) ନୋଟ୍ ହେବ । ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି କ୍ଷୁଦ୍ର ଗୋଷ୍ଠୀ ବା ବିଶ୍ୱର ସମସ୍ତ ଅରବପତିଙ୍କ ଆନୁମାନିକ ସମ୍ପଦ ୨୦.୧ ଟ୍ରିଲିୟନ ଡଲାର ଏକ ଯଥେଷ୍ଟ ଅଂଶକୁ ନିୟନ୍ତ୍ରଣ କରେ, ଯାହା ଅଳ୍ପ ଧନୀକ ହାତରେ ଆର୍ଥିକ ଶକ୍ତିର ଅସାଧାରଣ କେନ୍ଦ୍ରୀକରଣକୁ ସୂଚାଇଥାଏ । ୨୦୨୬ରେ ଶ୍ରେଷ୍ଠ ଦଶଜଣ ଧନୀବ୍ୟକ୍ତି ଏବଂ ସେମାନଙ୍କର ଆନୁମାନିକ ସମ୍ପଦ ହେଉଛି: ଏଲୋନ ମସ୍କ (୭୯୩ ବିଲିଅନ ଡଲାର), ଲାରି ପେଜ୍ (୩୧୭ ବିଲିଅନ ଡଲାର), ସେର୍ଗେ ବ୍ରିନ୍ (୨୯୨ ବିଲିଅନ ଡଲାର), ଜେଫ୍ ବେଜୋସ୍ (୨୬୬ ବିଲିଅନ ଡଲାର), ଲାରି ଏଲିସନ୍ (୨୨୯ ବିଲିଅନ), ମାର୍କ ଜୁକରବର୍ଗ (୨୦୯ ବିଲିଅନ ଡଲାର), ଜେନସେନ୍ ହୁଆଙ୍ଗ (୧୮୯ ବିଲିଅନ ଡଲାର), ମାଇକେଲ୍ ଡେଲ୍ (୧୮୧ ବିଲିଅନ ଡଲାର), ରବ୍ ୱାଲ୍ଟନ (୧୫୨ ବିଲିଅନ ଡଲାର) ଏବଂ ଜିମ୍ ୱାଲ୍ଟନ (୧୪୯ ବିଲିଅନ) । ସେମାନଙ୍କର ବର୍ତମାନ ଯେଉଁ ସମ୍ପଦ ଅହେତୁକ ବୃଦ୍ଧିପାଇଛି ତାହା ବିଶେଷ ଭାବରେ କୃତ୍ରିମ ବୁଦ୍ଧିମତା, ଡିଜିଟାଲ ପ୍ଲାଟଫର୍ମ, ଚିପ୍ ଉତ୍ପାଦନ, ସର୍ଚ୍ଚ ଇଞ୍ଜିନ ପ୍ରାଧାନ୍ୟ, ସୋସିଆଲ ମିଡିଆ ପ୍ଲାଟଫର୍ମ, ବୈଦ୍ୟୁତିକ, ମହାକାଶ ପ୍ରଯୁକ୍ତିବିଦ୍ୟା, କ୍ଲାଉଡ୍ କମ୍ପ୍ୟୁଟିଂ, ସେମିକଣ୍ଡକ୍ଟର ଏବଂ ଏଟଟଂରପ୍ରାଇଜ୍ ସଫ୍ଟୱେର ସହିତ ଜଡ଼ିତ ଯୋଗୁଁ ହୋଇଛି । ବିଶେଷଭାବେ ଏସବୁର ଷ୍ଟକ୍ ବା ଅଂଶଧନର ନାଟକୀୟ ଭାବରେ ମୂଲ୍ୟ ବୃଦ୍ଧି ଯୋଗୁଁ ହୋଇଛି । ଏକ ସାଧାରଣ ଭୁଲ୍ ଧାରଣା ହେଉଛି ଯେ, କୋଟିପତିମାନେ ବିପୁଳ ପରିମାଣର ନଗଦ ଟଙ୍କା ରଖିଥାନ୍ତି । ବାସ୍ତବରେ ସେମାନଙ୍କର ଅଧିକାଂଶ ସମ୍ପଦ କମ୍ପାନୀଗୁଡ଼ିକରେ ମାଲିକାନା ଅଂଶଧନ ଆକାରରେ ରହିଛି, ଯେଉଁଥିରେ ସେୟାର ବା ଷ୍ଟକ୍ ଏବଂ ଅନ୍ୟାନ୍ୟ ଆର୍ଥିକ ସମ୍ପତ୍ତି ଅନ୍ତର୍ଭୁକ୍ତ । ଯେତେବେଳେ ଟେସଲା, ଆମାଜନ କିମ୍ବା ମେଟା ଭଳି କମ୍ପାନୀଗୁଡ଼ିକର ବଜାର ମୂଲ୍ୟ ବୃଦ୍ଧିପାଏ, ସେମାନଙ୍କର ପ୍ରତିଷ୍ଠାତା ଏବଂ ପ୍ରମୁଖ ସେୟାରଧାରୀଙ୍କ ବ୍ୟକ୍ତିଗତ ନେଟ୍ ମୂଲ୍ୟ ଅନୁରୂପ ଭାବରେ ବୃଦ୍ଧିପାଏ । ଏହିପରି ଆଜି ଅରବପତିଙ୍କ ସମ୍ପଦ ମୁଖ୍ୟତଃ ବୃଦ୍ଧିପାଉଥିବା ଷ୍ଟକ୍ ବା ଅଂଶଧନ ମୂଲ୍ୟ ତାଙ୍କ ବ୍ୟବସାୟ, କାରବାର ପ୍ରସାରଣ, ନିବେଶକଙ୍କ ବିଶ୍ୱାସ, ପ୍ରଯୁକ୍ତିବିଦ୍ୟା ନବସୃଜନ, ବଜାର ସ୍ପେକୁଲେସନ ଏବଂ ଭବିଷ୍ୟତର ଅଭିବୃଦ୍ଧିର ଆଶା ଦ୍ୱାରା ପରିଚାଳିତ ହୁଏ । ଭାରତର ସ୍ଥିତି ମଧ୍ୟ ଅନୁରୂପ, ଯାହା ଗମ୍ଭୀର ଚିନ୍ତା ସୃଷ୍ଟିକରେ । ୨୦୨୬ ବିଶ୍ୱ ବିଲିୟନେୟାର ରାଙ୍କିଂଗ ଅନୁଯାୟୀ, ଭାରତରେ ଗତବର୍ଷ ୨୦୫ଜଣ ଅରବପତି ଥିଲେ, ବର୍ତମାନ ଏହି ସଂଖ୍ୟା ୨୨୯ । ବିଶ୍ୱ ଆର୍ଥିକ ଅନିଶ୍ଚିତତା, ତୈଳମୂଲ୍ୟ ବୃଦ୍ଧି, ଟଙ୍କାର ଅବମୂଲ୍ୟାୟନ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ ନୀତିରେ ପରିବର୍ତନ ସତ୍ତ୍ୱେ ଭାରତୀୟ ଅରବପତିଙ୍କ ସଂଖ୍ୟା ସ୍ଥିରଭାବରେ ବୃଦ୍ଧି ପାଇବାରେ ଲାଗିଛି । ସେମାନଙ୍କର ମିଳିତ ସମ୍ପଦ ବର୍ତମାନ ଏକ ଟ୍ରିଲିଅନ ଆମେରିକୀୟ ଡଲାର ଅତିକ୍ରମ କରିଛି । ଏହି ବିକାଶ ନିଃସନ୍ଦେହରେ ଭାରତୀୟ ଅର୍ଥନୀତିର ବିଭିନ୍ନ କ୍ଷେତ୍ର, ବିଶେଷକରି ପ୍ରଯୁକ୍ତିବିଦ୍ୟା, ଦୂରସଂଚାର, ଭିତିଭୂମି, ଅର୍ଥ, ଔଷଧ, ଶକ୍ତି, ଡିଜିଟାଲ୍ ସେବା ଏବଂ ସେୟାର ବଜାରର ବର୍ଦ୍ଧିତ ଶକ୍ତିକୁ ପ୍ରତିଫଳିତ କରେ । ଭାରତର ବିସ୍ତାରିତ ଉଦ୍ୟୋଗୀ ଇକୋସିଷ୍ଟମ, ଷ୍ଟାର୍ଟଅପ୍ ସଂଖ୍ୟା ବୃଦ୍ଧି ଏବଂ ଦ୍ରୁତ ପ୍ରଯୁକ୍ତିବିଦ୍ୟା ପରିବର୍ତନ ସମ୍ପତ୍ତି ସୃଷ୍ଟିପାଇଁ ପ୍ରଚୁର ସୁଯୋଗ ସୃଷ୍ଟି କରିଛି ବୋଲି କୁହାଯାଉଛି । ଅନେକ ପ୍ରଥମ ପିଢ଼ିର ଉଦ୍ୟୋଗୀଙ୍କ ଆବିର୍ଭାବ ଏହା ମଧ୍ୟ ସୂଚାଇଦିଏ ଯେ ଜନସଂଖ୍ୟାର ଏକ ବଡ଼ ଅଂଶ ମୌଳିକ ଆର୍ଥିକ ବଚିଂବା ପାଇଁ ସଂଘର୍ଷ ଜାରି ରଖିଥିବା ସତ୍ତ୍ୱେ ଦେଶରେ ବ୍ୟବସାୟ ଏବଂ ନବସୃଜନର ନୂତନ ରାସ୍ତା ଖୋଲିବାରେ ଲାଗିଛି । ମୁକେଶ ଅମ୍ବାନୀ ଏବଂ ଗୌତମ ଆଦାନୀଙ୍କ ପରି ଶିଳ୍ପପତିମାନେ ପ୍ରଭାବ ବିସ୍ତାର କରିଚାଲିଛନ୍ତି । ସେମାନଙ୍କର ବ୍ୟବସାୟ ସାମ୍ରାଜ୍ୟ କେବଳ ପାରମ୍ପରିକ କ୍ଷେତ୍ର ଯେପରିକି ଶକ୍ତି, ବନ୍ଦର, ଦୂରସଂଚାର ଏବଂ ଖୁଚୁରା କ୍ଷେତ୍ରରେ ନୁହେଁ, ବରଂ କୃତ୍ରିମ ବୁଦ୍ଧିମତା, ଡିଜିଟାଲ ଭିତ୍ତିଭୂମି, ଡାଟା ସେଟଂର ଏବଂ ସବୁଜ ଶକ୍ତି ସମେତ ଉଦୀୟମାନ କ୍ଷେତ୍ରରେ ମଧ୍ୟ ବିସ୍ତାରିତ ହେଉଛି । ଏହା ଦର୍ଶାଉଛି ଯେ ଭାରତୀୟ କର୍ପୋରେଟ ଶକ୍ତି ବିଶ୍ୱ ଅର୍ଥନୀତିର ପରବର୍ତୀ ପର୍ଯ୍ୟାୟ ପାଇଁ ନିଜକୁ କିପରି ପ୍ରସ୍ତୁତ ହେଉଛି । କିନ୍ତୁ ଭାରତ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତିରେ ଠିଆ ହୋଇଛି । ଗୋଟିଏ ପାଶ୍ୱର୍ରେ ଅସାଧାରଣ ଆର୍ଥିକ ମହତ୍ୱାକାଂକ୍ଷା, ପ୍ରଯୁକ୍ତିବିଦ୍ୟା ପ୍ରଗତି, ଶକ୍ତିଶାଳୀ କର୍ପୋରେଟ୍ ସଂସ୍ଥାର ଉତ୍ଥାନ, ଅନ୍ୟପଟରେ ଏହା ପଛରେ ଲୁଚିରହିଛି ଭୟଙ୍କର ଆର୍ଥିକ ବୈଷମ୍ୟର କାହାଣୀ । ଏକ ପ୍ରତିଶତ ଭାରତୀୟଙ୍କ ପାଖରେ ରହିଛି ଦେଶର ମୋଟ୍ ଆୟର ୨୧.୮% ଏବଂ ମୋଟ୍ ସମ୍ପଦର ୪୦.୫% । ଅନେକ ଗବେଷକ, ଅର୍ଥନୀତିଜ୍ଞ ଏବଂ ପ୍ରଗତିଶୀଳ ସଂଗଠନ ଯୁକ୍ତି କରନ୍ତି ଯେ ଅହେତୁକ ସମ୍ପଦ ବୃଦ୍ଧିପାଇବା କେବଳ ବ୍ୟକ୍ତିଗତ ପ୍ରତିଭାର ଫଳାଫଳ ନୁହେଁବ ବରଂ ଏହା ଶୋଷଣ, ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ, ଏକଚାଟିଆ କାରବାର ବା କ୍ଷମତା ଏବଂ ରାଜନୈତିକ ପ୍ରଭାବ ସହିତ ଗଭୀର ଭାବରେ ଜଡ଼ିତ । ଅକ୍ସଫାମ୍ ପରି ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକ ଆକଳନ କରନ୍ତି ଯେ, ପ୍ରାୟ ୬୦% ଅରବପତି ଯେଉଁ ସମ୍ପତି ଅର୍ଜନ କରିଛନ୍ତି ତାହା ସମ୍ପୂର୍ଣ୍ଣ ଭାବରେ ନବସୃଜନ କିମ୍ବା ନିଷ୍ଠା, କଠିନ ପରିଶ୍ରମରୁ ନୁହେଁ ବରଂ ବ୍ୟବସ୍ଥାଗତ ତ୍ରୁଟି, ଟିକସ ରିହାତି, ଛାଡ଼, ଶୋଷଣଭିତ୍ତିକ ବ୍ୟବସ୍ଥାରୁ ପ୍ରାପ୍ତ । ସେମାନଙ୍କ ସମ୍ପତ୍ତିର ବୃଦ୍ଧି ମୁଖ୍ୟତଃ ତିନିଟି ପରସ୍ପର ସଂଯୁକ୍ତ ସ୍ତମ୍ଭ ଉପରେ ନିର୍ଭର କରେ: ଉତ୍ତରାଧିକାର, ଏକାଧିକାର ବା ମନୋପଲି, ବଜାର ପ୍ରାଧାନ୍ୟ ଏବଂ କ୍ରୋନି ପୁଞ୍ଜିବାଦ । ସମ୍ପତିର ଏକ ଯଥେଷ୍ଟ ଅଂଶ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ସ୍ଥାନାନ୍ତରିତ ହୁଏ, ଯାହା ଆର୍ଥିକ ଆଭିଜାତ୍ୟର ଏକ ଆଧୁନିକ ରୂପ ସୃଷ୍ଟି କରେ । ବଡ଼ ବଡ଼ କର୍ପୋରେସନଗୁଡ଼ିକ ପ୍ରାୟତଃ ବାସ୍ତବ ମଜୁରିକୁ ହ୍ରାସ କରି, ଛଟେଇ କରି, ପ୍ରତିଯୋଗିତାକୁ ଦୁର୍ବଳ କରି ଏବଂ ଗ୍ରାହକ ନିର୍ଭରଶୀଳତା ବୃଦ୍ଧି କରି ପ୍ରଚୁର ଲାଭ ସଂଗ୍ରହ କରନ୍ତି । ଷ୍ଟକ ମାର୍କେଟ ବା ବଜାର କ୍ଷମତା ଅଂଶୀଦାରମାନଙ୍କ ସମ୍ପତ୍ତିକୁ ଅସମାନୁପାତିକ ଭାବରେ ମାଲିକମାନଙ୍କୁ ହସ୍ତାନ୍ତର କରିବାକୁ ସକ୍ଷମ କରେ । ଧନୀକ ଶ୍ରେଣୀ ପ୍ରାୟତଃ ଲବିଂ, ଟିକସ ରିହାତି, ଘରୋଇକରଣ, ସରକାରୀ ଚୁକ୍ତିନାମା ଏବଂ ବ୍ୟକ୍ତିଗତ କଳାଟଙ୍କା/ଧନ ରଖିବାରେ ବା ଗୁଣନ କରିବାରେ ସାହାଯ୍ୟ କରୁଥିବା ଟିକସ ଆଶ୍ରୟସ୍ଥଳ ବ୍ୟବହାର ମାଧ୍ୟମରେ ଓ ରାଜନୈତିକ ଶକ୍ତି ସହିତ ଘନିଷ୍ଠ ସମ୍ପର୍କରୁ ଲାଭ ପାଆନ୍ତି । ସମାଲୋଚକମାନେ ଆହୁରି ଯୁକ୍ତି ଦିଅନ୍ତି ଯେ, ଧନୀକ ଶ୍ରେଣୀ ସମ୍ପତ୍ତି ଅନେକ ଶୋଷଣମୂଳକ ପଦ୍ଧତି ମାଧ୍ୟମରେ ଅକ୍ତିଆର ବା ବୃଦ୍ଧି କରନ୍ତି । ଏକ ପ୍ରମୁଖ ଯୁକ୍ତି ହେଉଛି, ଶ୍ରମିକମାନଙ୍କୁ ପ୍ରାୟତଃ ସେମାନେ ସୃଷ୍ଟି କରିଥିବା ପ୍ରକୃତ ମୂଲ୍ୟ ଅପେକ୍ଷା ବହୁତ କମ୍ ଦରମା ଦିଆଯାଏ । ଶ୍ରମଦ୍ୱାରା ସୃଷ୍ଟି ହୋଇଥିବା ଲାଭ ମୁଖ୍ୟତଃ କର୍ପୋରେଟ୍ ମାଲିକ, ଶୀର୍ଷ କାର୍ଯ୍ୟନିର୍ବାହୀ ଏବଂ ଅଂଶୀଦାରମାନଙ୍କ ପାଖକୁ ଯାଏ, ଯାହାଫଳରେ ଶ୍ରମିକ ଏବଂ ମାଲିକ ମଧ୍ୟରେ ପାର୍ଥକ୍ୟ ବୃଦ୍ଧିପାଏ । ଧନୀ ଆହୁରି ଅଧିକ ଧନୀ ହୁଅନ୍ତି । ଏକଥା ସତ ଯେ, ଏକ ରାଷ୍ଟ୍ରର ପ୍ରକୃତ ସଫଳତା କେବଳ ଏହାର ଅରବପତି ବା କୋଟିପତିଙ୍କ ସଂଖ୍ୟାବୃଦ୍ଧି କିମ୍ବା ଷ୍ଟକ୍ ବଜାର ଯୋଗୁଁ ଲାଭର ପରିମାଣ ଦ୍ୱାରା ମାପ କରାଯାଇପାରିବ ନାହିଁ । ପ୍ରକୃତ ପ୍ରଗତି ଶେଷରେ ଆର୍ଥିକ ବିକାଶ ସାଧାରଣ ଲୋକଙ୍କ ଜୀବନକୁ କେତେ ଉନ୍ନତ କରେ, ସାମାଜିକ ନ୍ୟାୟକୁ ସୁଦୃଢ଼ କରେ, ସୁଯୋଗକୁ ବିସ୍ତାର କରେ ଏବଂ ସମାଜର ସମସ୍ତ ବର୍ଗପାଇଁ ମର୍ଯ୍ୟାଦା, ସୁରକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରେ, ତାହାଦ୍ୱାରା ବିଚାର କରାଯିବା ଉଚିତ ।

## ଗ୍ୟାସ୍ ଦର ବୃଦ୍ଧି, ଗ୍ରାମାଚଂଳରେ କାଠଚୁଲିର ଚାହିଦା ବଢୁଛି

ଜୟପୁର: ୨୦୧୬ ମସିହାରେ ଯୋଜନା ଆରମ୍ଭ ହେବା ପରେ ଗ୍ରାମାଚଂଳର ଗରିବ ମହିଳାଙ୍କୁ ମାଗଣାରେ ଇନ୍ଧନ ଗ୍ୟାସ ସଂଯୋଗ ଯୋଗାଇ ଦିଆଯାଉଛି । ଧୂଆଁମୁକ୍ତ ରୋଷେଇ ପାଇଁ କେନ୍ଦ୍ର ସରକାର ଆରମ୍ଭ କରିଥିଲେ ଉଜ୍ଜ୍ୱଳା ଯୋଜନା । ଏଯାବତ୍ କୋରାପୁଟ ଜିଲା ଜୟପୁର, କୋରାପୁଟ, ସେମିଳିଗୁଡା, ବୈପାରିଗୁଡା, ବୋରିଗୁମ୍ମା, ଲକ୍ଷ୍ମୀପୁର , ଲମତାପୁଟ, କୋଟପାଡ, ପଟାଙ୍ଗୀ ବ୍ଲକରେ ଏହି ଯୋଜନା ଅନେକ ହିତାଧିକାରୀଙ୍କ ନିକଟରେ ପହଂଚି ପାରିନାହିଁ କି ଅନେକ ପାଇଥିଲେ ମଧ୍ୟ ଗ୍ୟାସ୍ ଉଚ୍ଚ ଦର ଗରିବଙ୍କ ପେଟକୁ ଲାତ ମାରିଛି । ତେଣୁ ଏବେ ମଧ୍ୟ ଗ୍ରାମାଚଂଳର ମହିଳା କାଠଚୁଲି ବ୍ୟବହାର କରୁଛନ୍ତି । ଏଥିପାଇଁ ନିୟମିତ କାଠ ସଂଗ୍ରହ କରିବା ପାଇଁ ବାଧ୍ୟ ହେଉଛନ୍ତି । ଗ୍ରାମାଚଂଳ, ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଗଛରୁ କାଠ ସଂଗ୍ରହ ଅନେକ ସମୟରେ ମହିଳାମାନେ କରୁଥିବା ସହ ଗ୍ରାମାଚଂଳରେ ମଧ୍ୟ ଜାଳେଣି କାଠ ସଂଗ୍ରହ ହୋଇ ରୋଷେଇ ହେଉଛି । ଘଂଟା ଘଂଟା କାଠ ସଂଗ୍ରହରେ ରହୁଥିବାରୁ ଆତ୍ମନିର୍ଭର ହେବା ପାଇଁ ସମୟ ପାଉନାହାନ୍ତି । ଏବେ ମଧ୍ୟ କୋରାପୁଟ ଜିଲାରେ ଅନେକ ପରିବାର ଅଛନ୍ତି ଉଜ୍ଜଳା ଯୋଜନାରେ ସାମିଲ ହୋଇନାହାନ୍ତି । ତେଣୁ ମହିଳା ମାନେ ସକାଳୁ ଉଠିବା ମାତ୍ରେ ଜାଳେଣି କାଠ ସଂଗ୍ରହ କରିବାକୁ ଯାଉଛନ୍ତି । ସେହିପରି କିଛି ପରିବାର ଗ୍ୟାସ ସଂଯୋଗ ପାଇଥିଲେ ସୁଦ୍ଧା ବ୍ୟବହାର କରୁନାହାନ୍ତି । କାରଣ ମାସିକ ପାଖାପାଖି ୧ ହଜାର ଟଙ୍କା ଦେଇ ସିଲିଣ୍ଡର କିଣିବା ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ସୂଚନା ଦେଇଛନ୍ତି ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

# ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଜନସମ୍ପର୍କ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ଝାରସୁଗୁଡା, ୮/୬(ନି/ପ୍ର): ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂର୍ତ୍ତି ଉତ୍ସବ ଏବଂ ଏଥିପାଇଁ ଆୟୋଜିତ ହେବାକୁ ଥିବା ଆଗାମୀ ଜନସମ୍ପର୍କ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ରାଜ୍ୟବ୍ୟାପୀ ଜନସମ୍ପର୍କ ଅଭିଯାନର ଏକ ଅଂଶ ଭାବରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତାବିତ କାର୍ଯ୍ୟକଳାପଗୁଡ଼ିକର ସମୀକ୍ଷା କରାଯାଇଥିଲା । ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ବିଗତ ଦୁଇ ବର୍ଷ ମଧ୍ୟରେ ସରକାରଙ୍କ ସଫଳତା, ଜନକଲ୍ୟାଣକାରୀ ପଦକ୍ଷେପ ଏବଂ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ସାଧାରଣ ଲୋକଲୋଚନକୁ ଆଣିବା ଏବଂ ପ୍ରତ୍ୟେକ ନାଗରିକଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଂଚାଇବା । ଏହି ଆଭାସୀ ବୈଠକରେ ଜିଲ୍ଲା ଓସଓ୍ୱାନ ହଲ୍ରୁ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ସମେତ ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ସଫଳ ରୂପାୟନ, ସର୍ବାଧିକ ଜନସାଧାରଣଙ୍କ ଭାଗିଦାରୀ ନିଶ୍ଚିତ କରିବା ଏବଂ ସରକାରୀ ଯୋଜନା ଓ ସେବା ବିଷୟରେ ତଥ୍ୟର ପ୍ରଭାବଶାଳୀ ପ୍ରସାର ପାଇଁ ରଣନୀତି ଉପରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଜନସମ୍ପର୍କ କାର୍ଯ୍ୟକ୍ରମ ଗୁଡ଼ିକର ସୁଚାରୁ ପରିଚାଳନା ଲାଗି ସମସ୍ତ ବିଭାଗ ମଧ୍ୟରେ ସମନ୍ୱିତ ପ୍ରୟାସ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେବା ସହ ଅଧିକାରୀମାନଙ୍କୁ ଆଗୁଆ ଆବଶ୍ୟକୀୟ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲାରେ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ଏବଂ ଏହା ସହିତ ଜଡ଼ିତ ଜନସମ୍ପର୍କ କାର୍ଯ୍ୟକ୍ରମର ସଫଳ ପାଳନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ସମ୍ପୂର୍ଣ୍ଣ ସହଯୋଗ ଓ ପରସ୍ପର ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ କୁଶାଳ ମୋତିରାମ ଚହ୍ୱାଣ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ସରକାରଙ୍କ ସଫଳତା ପ୍ରଦର୍ଶନ କରିବା ସହ ସମଗ୍ର ଜିଲ୍ଲାରେ ନାଗରିକମାନଙ୍କ ସହ ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି । ଉକ୍ତ ପ୍ରସ୍ତୁତି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ ।

# ଲୋକଙ୍କୁ ମିଳୁନି, ହେଲେ ରାଜରାସ୍ତାରେ ଢେଉ ଭାଙ୍ଗୁଛି ପାନୀୟ ଜଳ

ସମ୍ବଲପୁର,୮/୬(ନି/ପ୍ର): ସହରରେ ଲୋକଙ୍କୁ ସଠିକ୍ ପରିମାଣର ପାନୀୟ ଜଳ ମିଳୁନି ଭଳି ଅଭିଯୋଗ ପରେ ଅଭିଯୋଗ ବିଭିନ୍ନ ସମୟରେ ହେଉଛି । ମାତ୍ର ଏଭଳି ଅଭିଯୋଗର ତୁରନ୍ତ ତାଳିପକା ସମାଧାନ କରି ଜିଲ୍ଲା ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ଶୀତତାପ ନିୟନ୍ତ୍ରିତ କୋଠରୀରେ ନୀରବରେ ବସି ପଡୁଥିବା ଅଭିଯୋଗ ହେଉଛି । ମାତ୍ର କିଛି ଦିନ ଧରି ସମ୍ବଲପୁର ସହରରେ ସରକାରଙ୍କ ବିକାଶର ଧାରା ଦ୍ରୁତଗତିରେ ଚାଲୁଥିବା ବେଳେ ବିଭିନ୍ନ ବିଭାଗର ସମନ୍ୱୟତାର ଅଭାବ ଯୋଗୁଁ ସମସ୍ୟା ପରେ ଆଉ ଗୋଟିଏ ସମସ୍ୟା ମୁଣ୍ଡ ଟେକିବାରେ ଲାଗିଛି । ଆଜି ସକାଳେ ଫାର୍ମରୋଡ ସ୍ଥିତ ସିଟିମଲ ସମ୍ମୁଖ ରାସ୍ତାର ଦୃଶ୍ୟକୁ ଦେଖିଲେ ହୁଏତ ଜୋରଦାର ଲଗାଣ ବର୍ଷାର ଭ୍ରମ ସୃଷ୍ଟି କରାଇଥିଲା । ଗାଡ଼ି ମୋଟରରେ ଯିବା ଅଲଗା କଥା, ହେଲେ ଚାଲିଚାଲି ଯାଉଥିବା ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା । ସମସ୍ୟାର ଖିଅ ଖୋଜିବାରେ ପିଏଚଡ଼ି ବିଭାଗର ଏକ ମୁଖ୍ୟ ପାଇପ୍ ଫାଟି ସମଗ୍ର ରାସ୍ତାରେ ବନ୍ୟାର ସୁଅ ଭ୍ରମ କରୁଥିବା ଦେଖିବାକୁ ମିଳିଥିଲା । କୌଣସି ଦୁର୍ବୃତ୍ତଙ୍କ ଦ୍ୱାରା ଏହି କୁକର୍ମ ହେଉ ବା ରାସ୍ତା ପାର୍ଶ୍ୱରେ ବିଭିନ୍ନ ବିଭାଗର ଯାଇଥିବା କେବୁଲ ଖୋଳାର ତ୍ରୁଟିରୁ ହୋଇଥାଉ । ମାତ୍ର ବନ୍ୟାର ସ୍ରୋତ ଭଳି ପାନୀୟ ଜଳ ଗୁଡିକ ଦୀର୍ଘ ସମୟ ଧରି ରାସ୍ତାରେ ଭାସୁଥିଲେ ମଧ୍ୟ ଏହାକୁ ତୁରନ୍ତ ରୋକିବା ଦିଗରେ ପ୍ରଶାସନିକ ଅଣଦେଖା ସାଧାରଣରେ ତୀବ୍ର ଅସନ୍ତୋଷର କାରଣ ପାଲଟିଥିଲା । ସମ୍ବଲପୁର ଜିଲ୍ଲା ସଦର ମହକୁମାରେ ଅବସ୍ଥାପିତ ସମସ୍ତ କାର୍ଯ୍ୟାଳୟର ମୁଖିଆ ମାନେ ନିଜ ପଦପଦବୀର ସଠିକ୍ ଦାୟିତ୍ୱ ତୁଲାଇବା ଅପେକ୍ଷା ଶାସକ ଦଳର ଛତ୍ରଛାୟା ତଳେ ଆଶ୍ରୟ ନେବା ପାଇଁ ବେଶ୍ ଉଦ୍ୟମ କରୁଥିବା ଶୁଣିବାକୁ ମିଳୁଛି । ବିଶେଷ କରି ପିଏଚଡ଼ି ଓ ଆରଡବ୍ଲୁଏସ୍ଏସ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ସମ୍ବଲପୁର ଭଳି ସୁରକ୍ଷିତ ସ୍ଥାନରୁ ଯେପରି ଅନ୍ୟତ୍ର ବଦଳି ନ ହୁଅନ୍ତି ସେଥିପାଇଁ ବିଭାଗୀୟ ମନ୍ତ୍ରୀ ଓ ସଚିବ ସ୍ତରୀୟ ଲବିରେ ବେଶ୍ ସକ୍ରିୟ ଥିବା ଶୁଣିବାକୁ ମିଳୁଛି । ଯାହା ଫଳରେ ଏହି ଦୁଇ ବିଭାଗ ପକ୍ଷରୁ ହେଉଥିବା ସମସ୍ତ କାର୍ଯ୍ୟ ନିମ୍ନମାନର ଓ ଖାମଖିଆଲି ଭାବେ ହେଉଥିବା ଅଭିଯୋଗ ହେଉଛି ।

# ଓଡ଼ିଶା ମେଟାଲିକ୍ସ ବିରୋଧରେ ନୂଆ ଅଭିଯୋଗ, ସ୍ୱଚ୍ଛ ତଦନ୍ତ ଦାବିରେ ଜନପ୍ରତିନିଧି

ଝାରସୁଗୁଡ଼ା, ୮/୬(ନି/ପ୍ର): ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ମରାକୁଟା ଅଂଚଳରେ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା କଥିତ ବେଆଇନ ଗଭୀର ନଳକୂପ ଓ ଇନଟ୍ଟେକ୍ ୱେଲ୍ ନିର୍ମାଣକୁ ନେଇ ବିବାଦ ତୀବ୍ର ହୋଇଛି । ଏହି ପ୍ରସଙ୍ଗରେ ଗଠିତ ଜନପ୍ରତିନିଧି କମିଟିର ସଦସ୍ୟମାନଙ୍କୁ ତଦନ୍ତ ପ୍ରକ୍ରିୟାରୁ ଦୂରେଇ ରଖାଯାଇଥିବା ଅଭିଯୋଗ ଆଣି କମିଟି ପକ୍ଷରୁ ଶନିବାର ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନା ଅନୁସାରେ, ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ମରାକୁଟା ସରପଂଚ ଲିଲି ତନ୍ତୀଙ୍କ ଅଧ୍ୟକ୍ଷତାରେ ୧୦ ଜଣିଆ ଏକ ପ୍ରତିନିଧି ଦଳ ଗଠନ କରାଯାଇଥିଲା । କମ୍ପାନୀ ପରିସରରେ ଥିବା କଥିତ ବେଆଇନ ଗଭୀର ନଳକୂପଗୁଡ଼ିକର ଅନୁଧ୍ୟାନ ପାଇଁ ଏହି ଦଳକୁ ଅନୁମତି ମଧ୍ୟ ପ୍ରଦାନ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟ ମିଳିତ ତଦନ୍ତ ସମୟରେ ୧୩ଟି ବେଆଇନ ଗଭୀର ନଳକୂପ ଚିହ୍ନଟ ହୋଇଥିବା କମିଟି ପକ୍ଷରୁ ଦାବି କରାଯାଇଛି । ମାତ୍ର ଗତ ୫ ଜୁନରେ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ଯାଂଚ୍ ବେଳେ ଜଳସେଚନ ବିଭାଗର ଅଧିକାରୀ ଏବଂ କମ୍ପାନୀ କର୍ତ୍ତୃପକ୍ଷ କମିଟି ସଦସ୍ୟମାନଙ୍କୁ କମ୍ପାନୀ ପରିସରକୁ ପ୍ରବେଶ କରିବାକୁ ବାରଣ କରିଥିବା ଅଭିଯୋଗ ହୋଇଛି । ଏହା ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଓ ନିରପେକ୍ଷ ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବୋଲି କମିଟି ଅଭିଯୋଗ କରିଛି । କମିଟି ପକ୍ଷରୁ ଦାଖଲ ହୋଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶା ମେଟାଲିକ୍ସ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଲୋକମାନେ ଚାଷଜମି ଓ ବାସଭୂମି ହରାଇଥିବା ବେଳେ କମ୍ପାନୀ ବିରୋଧରେ ଜଙ୍ଗଲ ଜମି ଦଖଲ, ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତିରେ ଅବହେଳା ଏବଂ ଅନ୍ୟାନ୍ୟ ଅନିୟମିତତା ସମ୍ପର୍କିତ ଅଭିଯୋଗ ପୂର୍ବରୁ ମଧ୍ୟ ଉଠିଆସିଛି । ବେଆଇନ ଗଭୀର ନଳକୂପ ମାଧ୍ୟମରେ ଭୂତଳ ଜଳର ଅତ୍ୟଧିକ ବ୍ୟବହାର ଯୋଗୁଁ ମରାକୁଟା, ଜମେରା ଏବଂ ବ୍ରଜରାଜନଗର ଅଂଚଳରେ ଜଳ ସଙ୍କଟ ଦେଖାଦେଇଥିବା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି । ଏହି ପ୍ରସଙ୍ଗରେ ମରାକୁଟା ସରପଂଚ ଲିଲି ତନ୍ତୀ, ଜିଲ୍ଲା ପରିଷଦ ସଦସ୍ୟ ଦିଗାମ୍ବର ଭୋଇ, ଝରଣା ସାଗର, କାଉନ୍ସିଲର ଦ୍ରୌପଦୀ ମେହେର, ସତ୍ୟପ୍ରକାଶ ସାହୁ, ଟିକେଶ୍ୱରୀ ପ୍ରଧାନ, କ୍ଷମାଶୀଳ ସାହୁ, ନୃପଲାଲ ମେହେର ଏବଂ ରାଜକୁମାର ବୁଢ଼ା ପ୍ରମୁଖ ସରକାରୀ ଅଧିକାରୀଙ୍କ ଭୂମିକାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଦାବିପତ୍ରରେ ଆଗାମୀ ସାତ ଦିନ ମଧ୍ୟରେ କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ସ୍ୱଚ୍ଛ ଓ ନିରପେକ୍ଷ ମିଳିତ ଅନୁଧ୍ୟାନ କରାଯିବାକୁ ଦାବି କରାଯାଇଛି । ଏହା ନହେଲେ ଝାରସୁଗୁଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳୀନ ଗଣଧାରଣା ଆରମ୍ଭ କରାଯିବ ବୋଲି କମିଟି ପକ୍ଷରୁ ସତର୍କ କରାଯାଇଛି । ଏ ସମ୍ପର୍କରେ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ସନ୍ତୋଷିନୀ ସେଠୀ କହିଛନ୍ତି ଯେ, ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ଦାଖଲ କରାଯିବ ଏବଂ ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ । ଅନ୍ୟପଟେ, ଏହି ଅଭିଯୋଗ ସମ୍ପର୍କରେ ଓଡ଼ିଶା ମେଟାଲିକ୍ସର ବରିଷ୍ଠ ଅଧିକାରୀ ଅଜିତ ସିଂହଙ୍କ ପ୍ରତିକ୍ରିୟା ମିଳିପାରିନଥିଲା ।

# ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କେନ୍ଦୁପତ୍ର ବୋଝେଇ ପିକ୍ଅପ ଜବତ୍: ଡ୍ରାଇଭର ଚମ୍ପଟ

ସମ୍ବଲପୁର,୮/୬(ନି/ପ୍ର): ସମ୍ବଲପୁର ସହରର ପରମାଣପୁର ଛକ ନିକଟ ପୁରୁଣା ରାଂଚି-ବିଜୟାଓ୍ୱାଡା ରାସ୍ତାରେ ଆଜି ଏକ ଦ୍ରୁତଗାମୀ ପିକ୍ଅପ ଭ୍ୟାନକୁ ବନ ବିଭାଗ ଜବତ୍ କରିଛି । ଏହି ଭ୍ୟାନକୁ ଯାଂଚ ବେଳେ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କେନ୍ଦୁପତ୍ର ଥିବା ଜଣାପଡିଥିଲା । ଓଡ଼ିଶା ସରକାର କେନ୍ଦୁପତ୍ରର ସଠିକ୍ ବଜାର ଦର ଓ ତୋଳାଳୀଙ୍କୁ ସଠିକ୍ ପାରିଶ୍ରମିକ ଦେଇ ପାରୁନଥିବା ଯୋଗୁଁ ଶେଷରେ ଚାରାଚାଲାଣ ତାଲିକାରେ କେନ୍ଦୁପତ୍ର ବି ତାଲିକାଭୁକ୍ତ ହେବା ଏକ ଲଜ୍ୟାଜନକ ଘଟଣା ବୋଲି ସାଧାରଣରେ କିଛି ପ୍ରତ୍ୟକ୍ଷଦର୍ଶୀ ମତବ୍ୟକ୍ତ କରିଛନ୍ତି । ସୁଚନାନୁଯାୟୀ ଆଜି ଓଆର୍ ୧୧ ଜେ ୨୭୭୨ ନମ୍ବରର ଏକ କେନ୍ଦୁପତ୍ର ବୋଝେଇ ପିକ୍ଅପ୍ ଭ୍ୟାନ୍ ଦ୍ରୁତଗତିରେ ଏହି ରାସ୍ତାରେ ଯାଉଥିବା ବେଳେ ରେଙ୍ଗାଲି ରେଞ୍ଜ୍ ଅନ୍ତର୍ଗତ ପଣ୍ଡିଆପାଲି ସେକସନ ବନବିଭାଗ କର୍ମଚାରୀମାନେ ଏହି ସନ୍ଦିଗ୍ଧ ଗାଡିକୁ ଅଟକାଇଥିଲେ । ଯାଂଚ୍ କରିବାରେ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର କେନ୍ଦୁପତ୍ର ଜବତ୍ କରିଥିଲେ । ବନ ବିଭାଗର ଏତାଦୃଶ୍ୟ ଧରପଗଡକୁ ଦେଖି ଗାଡ଼ିର ଚାଳକ ଗାଡ଼ିକୁ ଛାଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା । ଏବେ ଏହି କେନ୍ଦୁପତ୍ର କିଏ କାହା ପାଖକୁ କେତେ ଟଙ୍କାରେ ଚାଲାଣ କରୁଥିଲା ତାହା ରହସ୍ୟାବୃତ ରହିଯାଇଛି । ତେବେ ଆଗାମୀ ଦିନରେ କେନ୍ଦୁପତ୍ର ଚୋରା ଚାଲାଣ ଉପରେ ବନବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି । ଆଜିର ଏହି ଘଟଣାରେ ଫେରାର ଗାଡ଼ି ଚାଳକକୁ ଗିରଫ କରିବା ପାଇଁ ବ୍ୟାପକ ଧରପଗଡ ଜାରି ରହିଥିବା ଜଣାପଡିଛି ।

# ବିଶ୍ୱ ପରିବେଶ ଦିବସରେ ଲଖନପୁରରେ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡା,୮/୬(ନି/ପ୍ର): ବିଶ୍ୱ ପରିବେଶ ଦିବସ ଅବସରରେ ଲଖନପୁର ବ୍ଲକ ନାଗରିକ ପରିଷଦର ଆହ୍ୱାନକ୍ରମେ ବନହରପାଲିସ୍ଥିତ ମା' ତାରିଣୀ ମନ୍ଦିର ପ୍ରାଙ୍ଗଣରେ ପରିବେଶ ସୁରକ୍ଷା ଓ ନାଗରିକ ଉତ୍ତରଦାୟିତ୍ୱ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁଶ୍ରାଲୋଇ ଗ୍ରାମପଂଚାୟତର ବିଶିଷ୍ଟ ସମାଜସେବୀ ଧିରେନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ ପରିବେଶବିତ୍ ତଥା ଆଂଚଳିକ ପରିବେଶ ସୁରକ୍ଷା ସଂଘର ସଭାପତି ସତ୍ୟନାରାୟଣ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରମୋଦ କୁମାର ଦାଶ ଓ ତାଙ୍କ ସହଯୋଗୀ କଳାକାରମାନଙ୍କ ନେତୃତ୍ୱରେ ଉପସ୍ଥିତ ସମସ୍ତେ ସାମୂହିକ ଭାବେ 'ବନ୍ଦେ ମାତରମ୍' ଗାୟନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ରାଓ ତାଙ୍କ ଅଭିଭାଷଣରେ ଝାରସୁଗୁଡ଼ା ଜିଲ୍ଲାରେ ଅନିୟନ୍ତ୍ରିତ ଶିଳ୍ପାୟନ ଓ ବ୍ୟାପକ କୋଇଲା ଖଣି ଖନନ ଯୋଗୁଁ ପ୍ରାକୃତିକ ପରିବେଶ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେ କହିଥିଲେ ଯେ, ୨୦୧୬ ମସିହାରୁ ଝାରସୁଗୁଡ଼ା ଜିଲ୍ଲା ଶିଳ୍ପ ଧାରଣ କ୍ଷମତା ହରାଇଥିବା ସତ୍ତ୍ୱେ ନୂତନ ଶିଳ୍ପ ପ୍ରତିଷ୍ଠା ଓ ବିସ୍ତାର ଫଳରେ ପରିବେଶ ଓ ମାନବ ସ୍ୱାସ୍ଥ୍ୟ ଗଭୀର ସଙ୍କଟର ସମ୍ମୁଖୀନ ହେଉଛି । ସେ ଆହୁରି କହିଥିଲେ ଯେ, ଦେଶର ଅତ୍ୟଧିକ ପ୍ରଦୂଷିତ ଓ ଉତ୍ତପ୍ତ ଅଂଚଳ ଭାବେ ପରିଚିତ ଝାରସୁଗୁଡ଼ା ଜିଲ୍ଲା ଏବଂ ଲଖନପୁର ବ୍ଲକରେ ଆଉ କୌଣସି ନୂତନ ଶିଳ୍ପ କିମ୍ବା କୋଇଲା ଖଣି ସମ୍ପ୍ରସାରଣକୁ ଅନୁମତି ନ ଦେବାକୁ ସରକାରଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରାଯିବା ଆବଶ୍ୟକ । ଏହାସହ କୁଶ୍ରାଲୋଇ ଅଂଚଳରେ ପ୍ରସ୍ତାବିତ ଗ୍ୟାସିଫିକେସନ କମ୍ପାନୀ ନିର୍ମାଣକୁ ସମ୍ପୂର୍ଣ୍ଣ ବିରୋଧ କରିବା ପାଇଁ ଉପସ୍ଥିତ ଜନସାଧାରଣ ମା' ତାରିଣୀଙ୍କ ସମ୍ମୁଖରେ ସଂକଳ୍ପ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ବିଜୟାବାହିନୀର କାର୍ଯ୍ୟକାରୀ ସଭାନେତ୍ରୀ ଲକ୍ଷ୍ମୀ ବେହେରା ପ୍ରାକୃତିକ ପରିବେଶ ସୁରକ୍ଷାରେ ମାତୃଶକ୍ତିର ଭୂମିକା ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଲଖନପୁର ବ୍ଲକ ନାଗରିକ ପରିଷଦର ସଭାପତି ପିତାମ୍ବର ମିଶ୍ର ଅଂଚଳର ବୃହତର ସ୍ୱାର୍ଥ ପାଇଁ କୌଣସି ପ୍ରକାର ରାଜନୈତିକ ଷଡ଼ଯନ୍ତ୍ର କିମ୍ବା ସାଲିସକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିବା ସହ ଅଂଚଳର ଅସ୍ତିତ୍ୱ ରକ୍ଷା ଲଢେଇରେ ସମସ୍ତଙ୍କୁ ଏକତ୍ରିତ ହେବାକୁ ଆହ୍ୱାନ ଜଣାଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ କୈଳାଶ ଧୁରୁଆ, ଅଲିମା ମହାନନ୍ଦ, ରତ୍ନା ରାଉତ, ବିମଳାବତୀ ସୁନା, ରୁକ୍ମିଣୀ ରାଉତ, ସଂଯୁକ୍ତା ଭୋଇ, ମୋହିନୀ ଭୋଇ, ସରିତା ଭୋଇ, ପୂଜା ଗର୍ଡିଆ, ଉଦେ ବାଗ, ବଳରାମ ଧୁରୁଆ ଓ ବିବେକ ସୁନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ରେମେଣ୍ଡା ଗ୍ରାମର ରୋହିତ ସା ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ବଲପୁରରେ ଆରମ୍ଭ ହେଲା 'ଗାଁ ଆମ୍ବ ପସରା' ମହୋତ୍ସବ

ସମ୍ବଲପୁର,୮/୬(ନି/ପ୍ର): ସମ୍ବଲପୁର ସହରରେ ଆଜିଠାରୁ ସ୍ଥାନୀୟ ପ୍ରଶାସନ ଓ ଓରମାସ୍‌ର ମିଳିତ ସହଯୋଗରେ ସ୍ୱତନ୍ତ୍ର ଆମ୍ବ ମହୋତ୍ସବ 'ଗାଁ ଆମ୍ବ ପସରା'ର ଶୁଭାରମ୍ଭ ହୋଇଯାଇଛି । ଏହି ଉଦ୍ଘାଟନୀ ଉତ୍ସବରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର ଏବଂ ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ ଖତ୍ରୀ ପ୍ରମୁଖ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଛନ୍ତି । ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ସଠିକ୍ ମୂଲ୍ୟ ପ୍ରଦାନ କରିବା ଏବଂ ସହରବାସୀଙ୍କୁ ସ୍ୱଚ୍ଛ ଓ ରାସାୟନିକ ମୁକ୍ତ ଜୈବିକ ଆମ୍ବ ଯୋଗାଇଦେବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ । ଏହି ମେଳା ଆଗାମୀ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତିଦିନ ସକାଳ ୮ ଟାରୁ ରାତି ୮ ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଏହା ଖୋଲା ରହିବ । ଏହି ପ୍ରଦର୍ଶନୀରେ ମୋଟ ୧୯ ଟି ସ୍ପେଶାଲ୍ ଷ୍ଟଲ୍ ଖୋଲାଯାଇଛି, ଯେଉଁଥିରେ ୧୪ ଜଣ ପ୍ରଗତିଶୀଳ ଚାଷୀ ଏବଂ ୪ ଟି ଚାଷୀ ଉତ୍ପାଦକ ସଂଗଠନ ସେମାନଙ୍କର ଉତ୍କୃଷ୍ଟ ଆମ୍ବ ପସରା ଖୋଲିଛନ୍ତି । ଏହି ମେଳାରେ ଉଭୟ ଦେଶୀ ଏବଂ ଆନ୍ତର୍ଜାତୀୟ ସ୍ତରର ପ୍ରସିଦ୍ଧ ଓ ଦୁର୍ଲଭ ପ୍ରଜାତିର ଆମ୍ବ ବିକ୍ରୟ କରାଯାଉଛି । ଗ୍ରାହକମାନେ ଏଠାରେ ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ ପାଚିଥିବା ଜୈବିକ ଆମ୍ବ କିଣିପାରିବେ, ବିଶେଷ ପ୍ରଜାତିଗୁଡ଼ିକ ମଧ୍ୟରେ: ଏହି ଆମ୍ବ ମେଳାରେ ମିୟାଜାକି, ଥାଇ ବନାନା, ରେଡ୍ ଆଇଭୋରୀ ଠାରୁ ଆରମ୍ଭ କରି ବିଭିନ୍ନ ଲୋକପ୍ରିୟ ଦେଶୀ କିସମ: ସୁବର୍ଣ୍ଣରେଖା, ଦଶେରୀ, ଲଙ୍ଗଡ଼ା, ଆମ୍ରପାଲି, ମଲ୍ଲିକା, ହେମସାଗର, ଗୁଲାବଖାସ୍, ବାଇଗଣପାଲି, ସୁନ୍ଦରୀ, କେଶର, ନୀଳାଚଳ କେଶରୀ ଏବଂ ଆଲଫାନସୋ ଆଦି ଏହି ମେଳାରେ ଉପଲବ୍ଧ ଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତରଫରୁ ସମ୍ବଲପୁରର ସମସ୍ତ ସହରବାସୀ ଓ ଆମ୍ବ ପ୍ରେମୀମାନଙ୍କୁ ଏହି 'ଗାଁ ଆମ୍ବ ପସରା' କୁ ଆସି ବିଭିନ୍ନ କିସମର ସ୍ୱାଦିଷ୍ଟ ଆମ୍ବର ମଜା ନେବା ସହ ଆମର ସ୍ଥାନୀୟ ଚାଷୀ ଭାଇମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ହାର୍ଦ୍ଦିକ ଅନୁରୋଧ କରାଯାଉଛି । ଏଭଳି ମେଳାର ଆଭିମୁଖ୍ୟ ସିଧାସଳଖ ଚାଷୀଙ୍କଠାରୁ କେମିକାଲ୍ ମୁକ୍ତ ଆମ୍ବ କିଣି ନିଜକୁ ସୁସ୍ଥ ରଖନ୍ତୁ ଓ ସ୍ଥାନୀୟ ଅର୍ଥନୀତିକୁ ମଜବୁତ କରନ୍ତୁ ।

# ଦୁଆନଡିହିରେ ବିଶ୍ୱ ପରିବେଶ ଦିବସ

ଝାରସୁଗୁଡ଼ା,୮/୬(ନି/ପ୍ର): କୋଲାବିରା ବ୍ଲକ କେଲେଣ୍ଡାମାଲ ପଂଚାୟତ ଦୁଆନଡିହି ଗ୍ରାମରେ ସେଓ୍ୱା ଅନୁଷ୍ଠାନ ଦ୍ୱାରା ପରିଚାଳିତ ଓଡ଼ିଶା ସରକାରଙ୍କ କୃଷି ଉତ୍ପାଦନ ସମୂହ ପ୍ରକଳ୍ପ ତରଫରୁ ବିଶ୍ୱ ପରିବେଶ ଦିବସ ଆଡମ୍ବରରେ ପାଳିତ ହୋଇଯାଇଛି କ୍ଷଏହି ଦିବସ ରେ ଉଦ୍ୟାନ ବିଭାଗରୁ ଏଚଇଡ଼ାବ୍ଲୁ, ଏପିସି, ପ୍ରକଳ୍ପ ଜୀବନ ଜୀବିକା ଏକ୍ସପର୍ଟ, ସିସି, ଏମଆଇ, ସିଆରପି ଓ ଗାଁ ର ସମସ୍ତ ବର୍ଗ ଭାଇ ଭଉଣୀ ମିଶି ବୃକ୍ଷ ରୋପଣ କରିଥିଲେ କ୍ଷ ମାଟି ମା ସହ ପରିବେଶ କୁ ବଂଚାଇବାକୁ ସମସ୍ତେ ଶପଥ ନେଇଥିଲେ । ଏହା ସହ ଆଗାମୀ ଦିନରେ ମାଡିଆସୁଥିବା ବିପଦ ଏଲନିନୋ ବିଷୟରେ ସଚେତନ କରାଯାଇଥିଲା

# ନୂଆପଡାରେ ରାଜସ୍ୱ ସମୀକ୍ଷା ବୈଠକ

ନୂଆପଡ଼ା, ୮/୬(ନି/ପ୍ର): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆଜି ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର ରାଜସ୍ୱ ସଂଗ୍ରହ, ଆଇନଶୃଙ୍ଖଳା, ଜମି ସମ୍ବନ୍ଧୀୟ ମାମଲା ଓ ଖଣିଜ ସମ୍ପଦ ସୁରକ୍ଷାର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ଆରମ୍ଭରେ ଜିଲ୍ଲାପାଳ ରବି ଧାନ ଅଧିଗ୍ରହଣ ପ୍ରକ୍ରିୟାରେ ଆଇନଶୃଙ୍ଖଳା ବଜାୟ ରଖିବା ସହ ମଣ୍ଡି ପରିଚାଳନା ଉପରେ ନଜର ରଖିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅବୈଧ ଖଣି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ଆବଶ୍ୟକ ସ୍ଥଳେ ଧାରା ୧୪୪ ଜାରି ପାଇଁ ପଦକ୍ଷେପ ନେବାକୁ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚଳିତ ବର୍ଷ ମେ ମାସ ସୁଦ୍ଧା ଜିଲ୍ଲାରେ ଜମି ରାଜସ୍ୱ ଓ ଅନ୍ୟାନ୍ୟ ବକେୟା ଆଦାୟ କ୍ଷେତ୍ରରେ ଗତ ବର୍ଷ ତୁଳନାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ଜିଲ୍ଲାର ଡିସିବି ସଂଗ୍ରହ ହାର ୧୪.୦୬ ପ୍ରତିଶତରେ ପହଂଚିଥିବା ବେଳେ ଗତ ବର୍ଷ ସମାନ ଅବଧିରେ ଏହା ୪.୨୨ ପ୍ରତିଶତ ଥିଲା । ସମସ୍ତ ତହସିଲକୁ ରାଜସ୍ୱ ଆଦାୟ ଆହୁରି ବୃଦ୍ଧି କରିବାକୁ କୁହାଯାଇଥିଲା । ଚଳିତ ଆର୍ଥିକ ବର୍ଷରେ ମେ ମାସ ସୁଦ୍ଧା ୪,୦୬୫ଟି ମ୍ୟୁଟେସନ୍ ମାମଲା ଗ୍ରହଣ କରାଯାଇଥିବା ବେଳେ ୧,୯୬୮ଟି ମାମଲାର ଫଇସଲା କରାଯାଇଛି । ଜିଲ୍ଲାରେ ୨୨,୬୫୩ଟି ଆଇଏଫଆର ଦାବି ଗ୍ରହଣ କରାଯାଇଥିବା ବେଳେ ୧୯,୪୪୯ଟି ମାମଲାର ଫଇସଲା କରାଯାଇଛି । ସେହିପରି ସିଏଫଆର ଓ ସିଏଫଆର ଆର ମାମଲାଗୁଡ଼ିକର ଶୀଘ୍ର ନିଷ୍ପତ୍ତି ଏବଂ ରାଜସ୍ୱ ରେକର୍ଡ ସଂଶୋଧନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କୁହାଯାଇଥିଲା । ମେ ମାସରେ ଆବକାରୀ ବିଭାଗ ୧ କୋଟି ୭୧ ଲକ୍ଷ ୬୭ ହଜାର ୫୭୮ ଟଙ୍କା ରାଜସ୍ୱ ସଂଗ୍ରହ କରିଥିବା ବେଳେ ୧୪୭ଟି ମାମଲା ରୁଜୁ କରି ୮୭ ଜଣଙ୍କୁ ଗିରଫ କରିଛି । ସେହିପରି ପରିବହନ ବିଭାଗ ମେ ମାସରେ ୧ କୋଟି ୭ ଲକ୍ଷ ୭୮ ହଜାର ୫୫୮ ଟଙ୍କା ରାଜସ୍ୱ ସଂଗ୍ରହ କରିଥିବା ଜଣାପଡ଼ିଥିଲା । ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରି ଜିଲ୍ଲାପାଳ ବୁଥ୍ ସ୍ତରୀୟ ଅଧିକାରୀଙ୍କ ସହ ନିୟମିତ ଭର୍ଚୁଆଲ ବୈଠକ କରିବାକୁ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ସମସ୍ତ ଅଳଙ୍କାର ଦୋକାନର ଯାଂଚ୍ କରି ରିପୋର୍ଟ ଦାଖଲ କରିବାକୁ ଲିଗାଲ ମେଟ୍ରୋଲୋଜି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଅବସରରେ ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ସହଯୋଗ, ସକ୍ରିୟ ଭୂମିକା ଓ ଉତ୍କୃଷ୍ଟ ସମନ୍ୱୟ ପାଇଁ ବୋଡେନ ତହସିଲର ମନବୋଧ ମାଝୀଙ୍କୁ 'ରାଜସ୍ୱ ମିତ୍ର ପୁରସ୍କାର' ପ୍ରଦାନ କରାଯାଇଥିଲା । ବୈଠକରେ ଡିଏଫଓ (ପ୍ରାଦେଶିକ) ଏମ୍. ଅଜିଜ ଖାନ, ଉପ ଜିଲ୍ଲାପାଳ ସୁର୍ମୀ ସୋରେନ, ଡେପୁଟି ଜିଲ୍ଲାପାଳ (ରାଜସ୍ୱ) ସୁଚିସ୍ମିତା ମହାଉତୀ, ଡେପୁଟି ଜିଲ୍ଲାପାଳ (ନିର୍ବାଚନ) ଶେଖ ନାସିମ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମାୟାବର୍ହା ହାଇସ୍କୁଲ ପ୍ରକୃତି ମିତ୍ର ପୁରସ୍କାର ପାଇଲା

ବଲାଙ୍ଗିର,୮/୬(ନି/ପ୍ର): ସୋନପୁର ବନଖଣ୍ଡ ସଭାଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ଅବସରରେ ପରିବେଶ ଭିତିକ କାର୍ଯ୍ୟକ୍ରମର ସଫଳ ଉପଲବ୍ଧି ନିମନ୍ତେ ମୟାବର୍ହା ହାଇସ୍କୁଲକୁ ୨୦୨୫- ୨୬ ବର୍ଷରେ ମୁଖ୍ୟଅତିଥି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରିଛନ୍ତି । ପ୍ରଧାନଶିକ୍ଷକ ଦୀନବନ୍ଧୁ ପ୍ରଧାନ ଓ ପ୍ରାକ୍ତନ ପ୍ରଧାନଶିକ୍ଷକ ଡ. ରବିଚନ୍ଦ୍ର ପଶାୟତ ଜିଲ୍ଲାପାଳଙ୍କ ଠାରୁ ଜିଲ୍ଲା ସ୍ତରୀୟ ଭବ୍ୟ ସଭାରେ ସାର୍ଟିଫିକେଟ ଓ ପୁରସ୍କାର ରାଶି ଗ୍ରହଣ କରିଛନ୍ତି । ପରିବେଶ ଦିବସର ସ୍କୁଲ ସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ବଲାଙ୍ଗିର ମଂଟେଶରି ସ୍କୁଲର ଏକାଡେମିକ ହେଡ୍ ଡ. ରବିଚନ୍ଦ୍ର ପଶାୟତ, ବିଦ୍ୟାଳୟର ପରିଚାଳନା କମିଟି ସଭ୍ୟ ଭକ୍ତ ଭୋଇ, ଶିକ୍ଷା ବିଦ୍ ସମ୍ପଦ ଖମାରୀ, କୋରାପୁଟ ଜିଲ୍ଲା ମହୁଲି ଉଚ୍ଚ ବିଦ୍ୟାଳୟ ର ବିଜ୍ଞାନ ଶିକ୍ଷକ ଉମାକାନ୍ତ ଯୁଆଡି ସମ୍ମାନିତ ଅତିଥିଭାବେ ଯୋଗଦାନ କରି ନିଜନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହିଅବସରରେ ବିଦ୍ୟାଳୟ ପରିସରରେ ଜୁନିୟର ରେଡ୍ କ୍ରସ ସ୍ୱେଚ୍ଛାସେବୀ, ସ୍କାଉଟ ପିଲା, ଇକୋ କ୍ଲବ ଛାତ୍ରଛାତ୍ରୀ ବୃନ୍ଦ ବିଭିନ୍ନ ପ୍ରକାରର ଚାରା ରୋପଣ କରିଥିଲେ । ସଂସ୍କୃତ ଶିକ୍ଷକ ରାଜୁ ମେହେର ସଭା ସଂଯୋଜନା କରିଥିବା ବେଳେ ଛାତ୍ରୀ ଦିପ୍ତିଶିଖା ବାଗ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଶେଷରେ ଖେଳ ଶିକ୍ଷକ ଚିନ୍ମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବ କୁମାର ପୂଜାରୀ ବିଭୀଷଣ ଖମାରୀ, ସୂରଜ ଖମାରୀ, ସମୀର କାଠାର ସହଯୋଗ କରିଥିଲେ । ପରିଚାଳନା କମିଟିର ସଦସ୍ୟ, ଶିକ୍ଷକ ବୃନ୍ଦ, ଛାତ୍ର ଛାତ୍ରୀ ଓ ଗ୍ରାମବାସୀ ମାୟାବର୍ହା ହାଇସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର ମିଳିଥିବାରୁ ଖୁସି ପ୍ରକାଶ କରିଛନ୍ତି ।

# ବେଆଇନ୍ ଆନ୍ତଃ ରାଜ୍ୟ ଜୁଆ ରାକେଟର ପର୍ଦ୍ଦାଫାସ :

## ୪ ଅଭିଯୁକ୍ତ ଗିରଫ ସହ ନଗଦ ୨୦ ଲକ୍ଷ ଟଙ୍କା, ୩ଟି କାର୍ ଏବଂ ସୁନା ଗହଣା ମଧ୍ୟ ଜବତ

ରାଉରକେଲା,୮/୬(ନି/ପ୍ର): ଆଜି ରାଉରକେଲା ସେକ୍ଟର-୧୫ ଥାନା ଅନ୍ତର୍ଗତ ପୋଷ୍ୟଗ୍ରାମ ଲୁଆକେରା ଠାରେ ଚାଲିଥିବା ବେଆଇନ ଜୁଆ ଆଡ୍ଡା ଉପରେ ରାଉରକେଲା ପୋଲିସ ପକ୍ଷରୁ ବଡ଼ ଧରଣର ଚଢ଼ାଉ କରାଯାଇଛି। ଏଥିସହ ଏକ ଆନ୍ତଃ ରାଜ୍ୟ ଜୁଆ ରାକେଟର ମଧ୍ୟ ପର୍ଦ୍ଦାଫାସ ହୋଇଛି। ଏହି ଚଢ଼ାଉ ସମୟରେ ନଗଦ ୨୦ ଲକ୍ଷ ଟଙ୍କା ଜବତ ହୋଇଥିବା ବେଳେ ଜୁଆ ଖେଳ କରାଉଥିବା କିଙ୍ଗପିନଙ୍କ ସମେତ ୪ ଜଣଙ୍କୁ ପୋଲିସ ଅଟକ ରଖି ତଦନ୍ତ କରୁଛି। ଜୁଆ ଖେଳରେ ବ୍ୟବହୃତ ହେଉଥିବା ୩ଟି କାରକୁ ପୋଲିସ୍ ଜବତ୍ କରିଛି। ଏହାଛଡା ଲକ୍ଷାଧିକ ଟଙ୍କାର ସୁନା, ବାଇକ୍ ପ୍ରଭୃତି ମଧ୍ୟ ପୋଲିସ୍ ପକ୍ଷରୁ ଜବତ୍ କରାଯାଇଛି। ସୂଚନା ଅନୁସାରେ ଆଜି ସକାଳେ ଡିଏସପି ମନୋରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ପୋଲିସ ଫୋର୍ସ ଲୁଆକେରାରେ ପହଂଚିବା ସହିତ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ପୋଲିସ ବିପୁଳ ପରିମାଣର ନଗଦ ଟଙ୍କା ସହିତ ଜୁଆ ଖେଳ ପରିଚାଳନାରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରିଛି। ପୋଲିସର ଏହି ଅଚାନକ କାର୍ଯ୍ୟାନୁଷ୍ଠାନ ପରେ ଅଂଚଳରେ ଚାଂଚଲ୍ୟ ସୃଷ୍ଟି ହୋଇଛି। ବେଆଇନ ଜୁଆ ଭଳି ଅସାମାଜିକ କାର୍ଯ୍ୟକଳାପ ବିରୋଧରେ ଆଗାମୀ ଦିନରେ ମଧ୍ୟ ଏଭଳି ଅଭିଯାନ ଜାରି ରହିବ ବୋଲି ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ କହିଛନ୍ତି। ଘଟଣାରେ ଅଧିକ ତଦନ୍ତ ଚାଲିଥିବା ବେଳେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି ।

# ବେଆଇନ୍ କାରବାରରେ ଲିପ୍ତ ଥିବା ୬ଟି ଘରକୁ ମାଟିରେ ମିଶାଇଲା ଆରଏସପି ଓ ପୋଲିସର ମିଳିତ ପ୍ରଶାସନ

ରାଉରକେଲା,୮/୬(ନି/ପ୍ର): ଗତ କିଛି ଦିନ ହେଲା ଡ୍ରଗ୍ସ କାରବାରକୁ ନେଇ ଚାଂଚଲ୍ୟ ସୃଷ୍ଟି କରିଥିବା ରାଉରକେଲା ସହରରର ମିନାପଡା ଅଂଚଳରେ ବାରମ୍ବାର ରେଡ୍ ହେବା ପରେ, ଆଜି ରାଉରକେଲା ପୋଲିସ୍ ପ୍ରଶାସନ ଏବଂ ରାଉରକେଲା ଇସ୍ପାତ କାରଖାନାର ମିଳିତ ଅଭିଯାନରେ ଡ୍ରଗ୍ସ (ବ୍ରାଉନ ସୁଗାର) ବେପାର ସହିତ ସମ୍ପୃକ୍ତ ଥିବା ୬ଟି ବାସଗୃହକୁ ମାଟିରେ ମିଶାଇ ଦେଇଛି ପୋଲିସ୍ ଓ ଆରଏସପିର ସହର ସେବା ବିଭାଗ। ଏସବୁ ଘରକୁ ଉଚ୍ଛେଦ ପାଇଁ ଗତ ୨୦୨୬ ମେ ୨୮ ତାରିଖରେ ରାଉରକେଲା ଇସ୍ପାତ କାରଖାନା ସହର ସେବା କାର୍ଯ୍ୟାଳୟ (ଇଷ୍ଟେଟ ଅଫିସ) ପକ୍ଷରୁ ନୋଟିସ୍ କରାଯାଇଥିଲା। ଏଠାରେ ପ୍ରଣିଧାନ ଯୋଗ୍ୟ ଯେ, ୧୨ ଦିନ ପୂର୍ବରୁ ଉଚ୍ଛେଦ ପାଇଁ ନୋଟିସ୍ ଦିଆଯାଇଥିଲେ ମଧ୍ୟ ଆଜି ସୁଦ୍ଧା ଅଭିଯୁକ୍ତମାନେ ଘର ଖାଲି କରି ନଥିଲେ। ଆଜି ସକାଳେ ୧ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଓ ରାଉରକେଲା ଇସ୍ପାତ କାରଖାନା ସହର ସେବା ବିଭାଗର କର୍ମଚାରୀମାନେ ବୁଲଡୋଜର (ଜେସିବି) ସହିତ ସେଠାରେ ପହଚିଂ ଇଲେକ୍ଟ୍ରିକ୍ ଲାଇନ୍ ଓ ୱାଟର ଲାଇନ୍ (ବିଦ୍ୟୁତ ଓ ପାଣି) ସଂଯୋଗକୁ କାଟିବା ପରେ ଘର ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ଘରେ ରହୁଥିବା ଅଭିଯୁକ୍ତମାନଙ୍କ ପରିବାର ଘରୁ, ଘର ଆସବାବ ସହିତ ଖଟ, ପଲଙ୍କ, ଏୟାର କଣ୍ଡିସନର ବାହାର କରିବା ଦେଖାଯାଇଥିଲା। ଅପରାହ୍ନ ସୁଦ୍ଧା ଉଚ୍ଛେଦ କାର୍ଯ୍ୟ ଜାରି ରହିଥିବା ଦେଖାଯାଇଥିଲା।

# ବୀରମିତ୍ରପୁର ଆରସି ଚର୍ଚ୍ଚ ନିକଟରେ ପୋଲିସ ଚଢାଉ

## ୪ ଜୁଆଡ଼ି ଗିରଫ ସହ ୨୬,୮୦୦ ଟଙ୍କା ଜବତ

ବୀରମିତ୍ରପୁର,୮/୬(ନି/ପ୍ର): ବୀରମିତ୍ରପୁର ଆରସି ଚର୍ଚ୍ଚ ନିକଟରେ ଏକ ଗ୍ୟାରେଜ ଭିତରେ ଜୁଆ କାର୍ଯ୍ୟକଳାପ ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ପାଇ ପୋଲିସ ପକ୍ଷରୁ ଅତର୍କିତ ଚଢାଉ କରାଯାଇଥିଲା। ଜୁଆ ଖେଳୁଥିବା ଅଭିଯୋଗରେ ଚାରି ଜଣଙ୍କୁ ଗିରଫ କରିଥିଲା ପୋଲିସ୍। ଏହି ଅଭିଯାନ ସମୟରେ, ପୋଲିସ ଅଭିଯୁକ୍ତଙ୍କୁ ଧରି ଘର ଭିତରେ ତଲାସି କରିଥିଲା। ସେଠାରୁ ପୋଲିସ୍ ୨୬,୮୦୦ ଟଙ୍କା ନଗଦ, ତିନୋଟି ମୋବାଇଲ୍ ଫୋନ୍, ଏକ ସେଟ୍ ତାସ୍ କାର୍ଡ ଏବଂ ଜୁଆ କାର୍ଯ୍ୟକଳାପ ପାଇଁ ବ୍ୟବହୃତ ହୋଇଥିବା ଗୋଟିଏ ମ୍ୟାଟ୍ ଜବତ କରିଥିଲା। ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ହେପାଜତକୁ ନିଆଯାଇ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାକୁ ଅଣାଯାଇଥିଲା। ଏହିଘଟଣା ସମ୍ପର୍କରେ, ବୀରମିତ୍ରପୁର ପୋଲିସ ଥାନାରେ ମାମଲା ନଂ. ୨୬୨/୨୦୨୬ ଓଡ଼ିଶା ଜୁଆ ନିବାରଣ (ଜଟଏ) ଆଇନର ଧାରା ୩ ଅନୁସାରେ ପଞ୍ଜୀକୃତ ହୋଇଛି। ବେଆଇନ ଜୁଆ କାର୍ଯ୍ୟକଳାପରେ ଅନ୍ୟ କୌଣସି ବ୍ୟକ୍ତି ସାମିଲ ଥିଲେ କି ନାହିଁ ତାହା ଜାଣିବା ପାଇଁ ତଦନ୍ତ ଜାରି ରହିଛି । ପୋଲିସ ଅଧିକାରୀମାନେ ବେଆଇନ କାର୍ଯ୍ୟକଳାପ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ ଏବଂ ଅଂଚଳରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ନାଗରିକମାନଙ୍କୁ ଏପରି ଅପରାଧ ବିଷୟରେ ସୂଚନା ଦେବାକୁ ଅନୁରୋଧ କରିଥିଲେ।

# ଅବକାରୀ ବିଭାଗ ଚଢାଉରେ ୨ ଅଭିଯୁକ୍ତଙ୍କ ଗିରଫ

## ୪୩୦ ଲିଟର ବେଆଇନ୍ ମଦ, କାର୍ ଓ ସ୍କୁଟି ଜବତ

ରାଉରକେଲା,୮/୬(ନି/ପ୍ର): ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଡଙ୍କ ନିର୍ଦ୍ଦେଶ କ୍ରମେ, ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ସେକ୍ଟର-୨ ରେଲାପୋଷ, ଡ଼ାହିଟୋଲା, ବାଗବୁଡି ଅଂଚଳରେ ଚଢ଼ାଉ କରି ୨ଟି ଦାବିଦାର ଥିବା (କ୍ଲେମ) ମାମଲା ଏବଂ ୩ଟି ଦାବିଦାର ନଥିବା (ଅନକ୍ଲେମ) ମାମଲା, ମୋଟ ୫ଟି ମାମଲା ରୁଜୁ କରାଯାଇ ୪୦୦ ଲିଟର ବେଆଇନ ମହୁଲି ମଦ ସହିତ ଗୋଟିଏ ହୁଣ୍ଡାଇ ସେଟ୍ର କାର, ୩୦ ଲିଟର ବେଆଇନ ମହୁଲି ମଦ ସହିତ ଗୋଟିଏ ଟିଭିଏସ୍ ସ୍କୁଟି ଜବତ କରାଯାଇଛି। ଏଥିରେ ୨ ଜଣ ଆସାମୀ, କୁଲୁ କୁମ୍ଭାର ଏବଂ କାରରେ ଥିବା କାର ଚାଳକ ଜଗା ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ଓ କାରର ମାଲିକଙ୍କୁ ଗିରଫ କରିବା ପାଇଁ ତଦନ୍ତ ଜାରି ରହିଛି । ଏହି ଚଢ଼ାଉରେ ଅବକାରୀ ଇନିସପେକ୍ଟର ମୋହନ ପଧାନ ଓ ଇନିସପେକ୍ଟର ହେମନ୍ତ ମହାନନ୍ଦିଆ, ଏଏସ୍ଆଇ ବିନୋଦିନୀ ବେହେରା ଓ ଯୁବରାଜ ବାଗଙ୍କ ସମେତ ଅନ୍ୟାନ୍ୟ ଷ୍ଟାଫ୍ - ସୌମ୍ୟ ରଞ୍ଜନ ସାହୁ, ଆୟେଶା ମିଂଜ୍, ହେମମଞ୍ଜରୀ ବିଶ୍ୱାଳ, ତ୍ରିଲୋଚନ ପାଢ଼ୀ, ଆକାଶ ପଟେଲ, ପ୍ରଦୀପ ଲୁଗୁନ, ବବୁଲ ସ୍ୱାଇଁ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଲିଳିମା ଭୋଇ, ସୂର୍ଯ୍ୟକାନ୍ତ ସ୍ୱାଇଁ, ନିରଞ୍ଜନ ରାଉତ ପ୍ରମୁଖ ସାମିଲ ଥିଲେ।

# ତିତିଲି ଫାଉଣ୍ଡେସନର ଦ୍ୱିତୀୟ ବାର୍ଷିକ ଉତ୍ସବ

ରାଉରକେଲା,୮/୬(ନି/ପ୍ର): ନାଟ୍ୟାନୁଷ୍ଠାନ ତିତିଲି ଫାଉଣ୍ଡେସନ ର ଦ୍ୱିତୀୟ ବାର୍ଷିକୋତ୍ସବ ସ୍ଥାନୀୟ ସିଭିକ ସେଂଟର୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୁବ ହଷ୍ଟେଲ୍ସ ର ଅଧ୍ୟକ୍ଷ ତଥା ବେଙ୍ଗଲୀ ଆସୋସିଏସନ୍, ରାଉରକେଲା ର ସଚିବ ବୁଦ୍ଧଦେବ ବାସୁ, କୋଶଲ୍ ନାଟକ ପରିଷଦ ର ଅଧ୍ୟକ୍ଷ ଗୌତମ ମହାନନ୍ଦ, ନାଟ୍ୟକାର ପ୍ରଫେସର ଡ ସମର ମୁଦାଲି ପ୍ରମୁଖ ଯୋଗଦେଇ ଥିଲେ। ସମସ୍ତ ଅତିଥି ଓ ତିତିଲି ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ତଥା ଅଧ୍ୟକ୍ଷା ରତ୍ନା ବାନାର୍ଜୀ, ତିତ୍ଲି ଫାଉଣ୍ଡେସନର ସଭାପତି ବିକାଶ ପାତ୍ର ଏବଂ ଅନ୍ୟ ଟ୍ରଷ୍ଟି ସଦସ୍ୟମାନଙ୍କ ଉପସ୍ଥିତିରେ ଜୀବନବ୍ୟାପୀ ସାଧନା ସମ୍ମାନ ଓଡିଶାର ବିଶିଷ୍ଟ ନାଟ୍ୟଶିଳ୍ପୀ ତଥା 'ପ୍ରତିଧ୍ୱନି', ରାଉରକେଲାର ପ୍ରତିଷ୍ଠାତା ଶରତ ଦାସ, ଏବଂ 'ପଂଚମ ବେଦ', ରାଉରକେଲାର ସାଧାରଣ ସମ୍ପାଦକ ବିଜୟ କୁମାର ଭୋଳଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଆର୍ଟିଷ୍ଟିକ୍ ଫ୍ୟାମିଲି ଫର୍ ଏକ୍ସଲେନ୍ସ ଆୱାର୍ଡ-୨୦୨୬ ଦିବ୍ୟେନ୍ଦୁ କୁଣ୍ଡୁ, ପ୍ରମିଳା ଜେନା ଓ ତାଙ୍କ ପରିବାରଙ୍କୁ ପ୍ରଦାନ କରାଯାଇଥିଲା। ଦୃଢ଼ତା ପୁରସ୍କାର ସାମାଜିକ କାର୍ଯ୍ୟ ପାଇଁ ହରିହର ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ରାଉରକେଲାକୁ ସ୍ୱଚ୍ଛ ଏବଂ ସବୁଜ ରଖିବା ଦିଗରେ ଅବଦାନ ପାଇଁ ମିଶନ୍ ସଣ୍ଡେ କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମିଳିତ କଣ୍ଠ ପ୍ରୟାସ, ରାଉରକେଲାର ସଦସ୍ୟମାନଙ୍କ ଦ୍ୱାରା ସ୍ୱର୍ଗତ ସଲିଲ ଚୌଧୁରୀଙ୍କୁ ଏକ ସାଙ୍ଗୀତିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଅବସରରେ ୨ଟି ଓଡ଼ିଆ କ୍ଷୁଦ୍ର ନାଟକ ପରିବେଷଣ ଉତ୍କଳୀ ସାଂସ୍କୃତିକ ଶିଳ୍ପୀ ତରଫରୁ ବିଲୋଚନ ପାତ୍ର ଙ୍କ ନିର୍ଦ୍ଦେଶନାରେ ଛିଡି ପଡୁଥିବା ଆକାଶ' ଓ ପଂଚତତ୍ୱ ତରଫରୁ ଜନ୍ମେଜୟ ମହାନ୍ତି ଙ୍କ ନିର୍ଦ୍ଦେଶନାରେ 'ଷ୍ଟେସନ ରାସ୍ତାର ଝିଅ' ମଂଚସ୍ଥ କରାଯାଇଥିଲା। କାର୍ଯ୍ୟକ୍ରମର ଅନ୍ୟାନ୍ୟ ମୁଖ୍ୟ ଆକର୍ଷଣ ରେ ଚିତ୍ରକଳା ପ୍ରଦର୍ଶନୀ: ସ୍କୁଲ୍ ଅଫ୍ ଫାଇନ୍ ଆର୍ଟସ୍ ର ସମ୍ପାଦକ ଅକ୍ଷୟ ସାମଲ, ଅଧ୍ୟକ୍ଷ ଗୋକୁଳାନନ୍ଦ ଦାସ, ଏବଂ କଲଚରାଲ୍ ଏକାଡେମୀର ସାଧାରଣ ସମ୍ପାଦକ ଶ୍ରୀ କାଶୀନାଥ ପାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଫଟୋଗ୍ରାଫି ଏବଂ ପ୍ରାଚୀନ ସାମଗ୍ରୀ ରେ ସହରର ବିଶିଷ୍ଟ ଫଟୋଗ୍ରାଫର୍ ସୁବ୍ରତ କୁମାର ବଳଙ୍କ ଦ୍ୱାରା ଉତ୍ତୋଳିତ ଫଟୋଚିତ୍ର ଏବଂ ବିକାଶ ପାତ୍ରଙ୍କ ବ୍ୟକ୍ତିଗତ ସଂଗ୍ରହରୁ ପ୍ରାଚୀନ ସାମଗ୍ରୀଗୁଡ଼ିକ ମଧ୍ୟ ଦର୍ଶକଙ୍କ ପାଇଁ ପ୍ରଦର୍ଶିତ କରାଯାଇଥିଲା । ଏହି ଅବସରରେ

# ବିଦେଶକୁ ଆମ୍ବ ରପ୍ତାନୀ କରି ସୁନ୍ଦରଗଡ ଜିଲ୍ଲା ନିଜର ପରିଚୟ ସୃଷ୍ଟି କରିପାରିଛି

ସୁନ୍ଦରଗଡ,୮/୬(ନି/ପ୍ର): ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡଗର) ଦ୍ୱାରା ପରିଚାଳିତ ଇଚଉ ଯୋଜନା ଅଧୀନରେ ଗଠିତ "ସମ୍ପର୍ଣ୍ଣା ମିଶନ ମହିଳା ଫାର୍ମରସ୍ ପ୍ରୋଡ୍ୟୁସର୍ କମ୍ପାନୀ ଲିମିଟେଡ୍" ଦ୍ୱାରା ମୋଟ ୨୭.୭୮ କ୍ୱିଂଟାଲ ଆମ୍ରପାଲୀ ଆମ୍ବ ସଫଳତାର ସହ ଦୁବାଇ ଏବଂ ରୋମକୁ ରପ୍ତାନି କରାଯାଇଛି। ଏହି ବିପଣନ କାର୍ଯ୍ୟକ୍ରମ ମାଧ୍ୟମରେ କୁତ୍ରା ବ୍ଲକର ଡମପୋଷ ଗ୍ରାମର ୧୦ ଜଣ ଚାଷୀ ଉପକୃତ ହୋଇଛନ୍ତି।ଏହି ସମୂହ ବିପଣନ (କଲେକ୍ଟିଭ ମାର୍କେଟିଂ) କାର୍ଯ୍ୟରେ ଉଦ୍ୟାନ କୃଷି ବିଭାଗରେ ନିଯୁକ୍ତ ଥିବା ପି.ଏସ୍.ଏଫ୍.ପି ଓ ପ୍ରକଳ୍ପ ବିକ୍ରେତା (ଭେଣ୍ଡର) ସଂଯୋଗ ସ୍ଥାପନ କରିଥିଲେ। ଇଚଉ ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି କ୍ଷୁଦ୍ର ଓ ମହିଳା ଚାଷୀମାନଙ୍କର ଆୟ ବୃଦ୍ଧି କରିବା ଏବଂ ସେମାନଙ୍କୁ ବଜାର ସହ ସଂଯୋଗ କରାଇବା। ଏପିସି ଯୋଜନାରେ ମିଶନ ଶକ୍ତି ବିଭାଗଙ୍କ ଆର୍ଥିକ ସହାୟତାରେ ସୁନ୍ଦରଗଡ଼ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏଁ ମୋଟ ୧୭ଟି ମହିଳା ଉତ୍ପାଦକ କମ୍ପାନୀ ଗଠନ କରାଯାଇଛି। ଗତ ବର୍ଷ ଏହିପରି ଲେଫ୍ରିପଡାରୁ ଆଲୋକପ୍ରଭା ମହିଳା ପ୍ରୋଡ୍ୟୁସର କମ୍ପାନୀ ଦ୍ୱାରା ୧୯ କ୍ୱି[ାଲ ଆମ୍ବ ଫ୍ରାନ୍ସକୁ ରପ୍ତାନି କରାଯାଇଥିଲା। ଏହିପରି ଭାବେ ବିଦେଶ ବଜାରକୁ ଆମ୍ବ ରପ୍ତାନୀ କରି ସୁନ୍ଦରଗଡ଼ ଜିଲ୍ଲାର ଚାଷୀ ନିଜର ଏକ ନୂତନ ପରିଚୟ ସୃଷ୍ଟି କରିପାରିଛନ୍ତି।

# ଏସବିଆଇ ମାଲକାନଗିରି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ମାଲକାନଗିରି, ୮/୬(ନି/ପ୍ର): ଏସବିଆଇ ମାଲକାନଗିରି ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ 'ମା'ଙ୍କ ନାମରେ ଗୋଟିଏ ଗଛ' ଅଭିଯାନ ଅନ୍ତର୍ଗତ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ମାଲକାନଗିରି ଶାଖା ପରିସରରେ ଆଜି ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ଶାଖାର ମୁଖ୍ୟ ପ୍ରବନ୍ଧକ ବିନୋଦ କୁମାର ବିଷୋୟୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ । ଏହା ବ୍ୟତୀତ ଉପ-ଶାଖା ପ୍ରବନ୍ଧକ ଅଜିତ କୁମାର ଆଚାର୍ଯ୍ୟ, ଆରଏମ୍ଏସଏମ୍ଇ ଅଧିକାରୀ ବୈଷ୍ଣବ ହାଁସଦା, କ୍ୟାସ ଅଫିସର ନିର୍ମଳ କୁମାର ବେବର୍ତ୍ତା, ଫିଲ୍ଡ ଅଫିସର ରୋହିତ କୁମାର ଟପ୍ପୋ, ସବ୍ୟସାଚୀ ଦାସ ଏବଂ ମାଲକାନଗିରି ସରକାରୀ ମହାବିଦ୍ୟାଳୟର +୩ ବାଣିଜ୍ୟ ବିଭାଗର ଛାତ୍ର ଛାତ୍ରୀମାନେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ବ୍ୟାଙ୍କ ପରିସରରେ ଆମ୍ବ ଗଛ, ପିଜୁଳି ଗଛ, ଓଉ ଗଛ ସମେତ ଅନ୍ୟାନ୍ୟ ଫଳ ଓ ଅନେକ ଛାୟାଦାୟୀ ବୃକ୍ଷ ରୋପଣ କରାଯାଇଥିଲା । ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ଗଠନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା । ମୁଖ୍ୟ ଅତିଥି ଡକ୍ଟର ସ୍ୱାଇଁ ତାଙ୍କ ବକ୍ତବ୍ୟରେ ବୃକ୍ଷର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ନାଗରିକଙ୍କୁ ଆହ୍ୱାନ ଜଣାଇଥିଲେ ।

# ଅଧାପନ୍ତରିଆ ରାସ୍ତା ବଢ଼ାଉଛି ଦୁର୍ଗମବାସୀଙ୍କ ଦୁର୍ଦ୍ଦଶା

ଜୟପୁର, ୮/୬(ନି.ପ୍ର): ବର୍ଷ ବର୍ଷ ଧରି ଅଧାପନ୍ତରିଆ ହୋଇ ପଡିଛି ରାସ୍ତା । ବଢୁଛି ଦୁର୍ଗମ ବାସୀଙ୍କ ଦୁର୍ଦ୍ଦଶା। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ନେଇ ଭିଜିଲାନ୍ସରେ ମାମଲା ପହଂଚିଥିଲା । ସରକାରଙ୍କ ଅପାରଗତା କାରଣରୁ ୨୦୧୪ ର ଏହି ମାମଲା ଏ ପର୍ଯ୍ୟନ୍ତ ତଦନ୍ତ ଶେଷ ହୋଇପାରିଲା ନାହିଁ। ଯଦ୍ୱାର ରାସ୍ତା ନିର୍ମାଣ ପାଇଁ ରି ଟେଣ୍ଡର ହୋଇ ପାରୁନାହିଁ। ସରକାର ଏବଂ ପୂର୍ତ୍ତ ବିଭାଗର ଅବହେଳା କାରଣରୁ ବର୍ଷ ବର୍ଷ ଧରି ଦୁର୍ଦ୍ଦଶା ଭୋଗୁଛନ୍ତି ଦୁର୍ଗମ ଅଂଚଳ ବାସୀ। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦାବି କରିଛନ୍ତି ଅଂଚଳ ବାସୀ। ବୋରିଗୁମ୍ମା ବ୍ଲକ ତରାଭାଙ୍ଗା ଠାରୁ କାଠରଗଡା ରାସ୍ତା। ୧୩ କି.ମି. ରାସ୍ତା ୧୨ ବର୍ଷ ହେବ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇପଡ଼ିଛି। ବର୍ଷ ବର୍ଷ ଧରି ଦୁର୍ଦ୍ଦଶା ଭୋଗୁଛନ୍ତି ଦୁର୍ଗମ ଅଂଚଳ ବାସୀ। ରାସ୍ତାରୁ ମେଟାଲ ପଥର ଉଠି ଯାଉଛି, ସ୍ଥାନେ ସ୍ଥାନେ ବଡ଼ ବଡ଼ ଖାଲଖମା ତା ସାଙ୍ଗକୁ ଧୂଳି ସରସର ରହିଛି ରାସ୍ତା । ୧୨ ବର୍ଷ ହେବ ଏଭଳି ଅବସ୍ଥାରେ ପଡି ରହିଛି ଏହି ରାସ୍ତା। ଦୀର୍ଘ ବର୍ଷ ହେବ ପକ୍କା ରାସ୍ତା ନିର୍ମାଣ ନ ହେବା ଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି ୪ ପଂଚାୟତ ବାସୀ। ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଥିବା ବେଳେ ଏହି ରାସ୍ତା ଉପରେ ଗୁମୁଡା, କାଠରଗଡା, ଚମ୍ପାପଦର, ହରଡ଼ାଗୁଡା ଭଳି ପଂଚାୟତ ବାସୀ ନିର୍ଭର କରନ୍ତି। ଏହି ରାସ୍ତାରେ ଦୈନିକ ଅନେକ ଘରୋଇ ବସ ସହ ମୁରାନ ମେଗା ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଭାରି ଜାନ ଚଳାଚଳ କରୁଛି। ଶୀତ ଓ ଖରା ଦିନେ କଷ୍ଟେ ମଷ୍ଟେ ଏହି ରାସ୍ତାରେ ଯାତାୟାତ ହେଉଛି। କିନ୍ତୁ ବର୍ଷା ଦିନେ ବସ ଯାଏ ନି କି ରୋଗୀଙ୍କୁ ନେବାପାଇଁ ଆମ୍ବୁଲାନ୍ସ ଆସି ପାରୁ ନାହିଁ। ଫଳରେ ଏହି ରାସ୍ତା ଯୋଗୁଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ।

# ବରିଷ୍ଠ ନାଗରିକ ସଙ୍ଘର ନୂତନ କର୍ମକର୍ତା ନିର୍ବାଚିତ :

ରାଜଗାଙ୍ଗପୁର, ୮/୬(ନି.ପ୍ର): ସ୍ଥାନୀୟ ଘୋଗରମଲ ଧର୍ମଶାଳା ଠାରେ ବରିଷ୍ଠ ନାଗରିକ ସଙ୍ଘ ର ବର୍ଷ ୨୦୨୬/୨୭ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ କରା ଯାଇ ଥିଲା କ୍ଷ ନିର୍ବାଚନ ପୂର୍ବରୁ ପ୍ରଭୁଙ୍କ ଭଜନ ଉଚ୍ଚାରଣ କରି୍।। ପରେ ଜାତୀୟ ସଂଗୀତ ଗାନ କରା ଯାଇ ଥିଲା ବରିଷ୍ଠ ନାଗରିକ କମିଟି ରେ ସଦସ୍ୟ ଙ୍କ ମଧ୍ୟରେ ସ୍ୱର୍ଗାରୋହଣ କରିଥିବା ସଦସ୍ୟ ମାନଙ୍କ ପାଇଁ ଦୁଇ ମିନଟ ନୀରବ ପ୍ରାର୍ଥନା କରାଯାଇ ଥିଲା । ବରିଷ୍ଠ ନାଗରିକ ସଙ୍ଘର ନିୟମ ଅନୁଯାଇ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରା ଯାଇ ଥିଲା ପ୍ରତି ଦୁଇ ବର୍ଷରେ ଥରେ ନୂତନ କମିଟି ଗଠନ କରାଯିବା ପାଇଁ ନିୟମ ରଖା ଯାଇଛି କ୍ଷ ଯାହାକି ପୂର୍ବତନ ସଭାପତି ଓମ ପ୍ରକାଶ ଅଗ୍ରୱାଲଙ୍କ ଉପସ୍ଥିତିରେ ସଭାପତି ପଦ ପାଇଁ ପଦ୍ମ ଲାଭ ସାମଲ ତାଙ୍କ ନାମଙ୍କନ ପତ୍ର ଦାଖଲ କରିବା ପରେ ଅନ୍ୟ କେହି ସଭାପତି ପଦ ରେ ନାମଙ୍କନ ପତ୍ର ଦାଖଲ କରି ନଥିଲେ ଯାହା କି ସେ ନିଦ୍ୱର୍ନ୍ଦ ରେ ନିର୍ବାଚିତ ହୋଇ ଥିଲେ । ପୁର୍ନବାର ସାଧାରଣ ସମ୍ପାଦକ ପଦ ପାଇଁ ଜଗତ ନାରାୟଣ ଶର୍ମା ନିର୍ବାଚନ ରେ ନାମଙ୍କନ ପତ୍ର ଦାଖଲ କରିଥିଲେ । ଉପସଭାପତି ପାଇଁ କମଳ ଅଗ୍ରୱାଲ ଏବଂ ଡ଼ଃ ସରୋଜନୀ ସାହୁ ନାମଙ୍କନ ପତ୍ର ଦାଖଲ କରି ଥିଲେ ଯୁଗ୍ମ

## ପଦ୍ମ ନାଭ ସାମଲ ସଭାପତି

ସମ୍ପାଦକ ପଦରେ ବିରଚିଂ ନାରାୟଣ ପଟେଲ ଏବଂ ଅରବିନ୍ଦ କୁମାର ଚୋବେ କୋଷାଧକ୍ଷ ପଦ ପାଇଁ ହେମନ୍ତ କୁମାର ସିଂ ନାମଙ୍କନ ଦାଖଲ କରି ଏହି ସମସ୍ତ ପଦ ରେ ନିଦ୍ୱନ୍ଦ ରେ ନିର୍ବାଚିତ ହୋଇଛନ୍ତି । ବରିଷ୍ଠ ଓକିଲ ପ୍ରଦୀପ କୁମାର କେଶରୱାନୀ ଓ ରାଜୀବ ଲୋଚନ ହାଜରା ଏହି ନିର୍ବାଚନ କୁ ସଂଚାଳନ କରି ଜୟ ଯୁକ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ ଏହି ନିର୍ବାଚନ ରେ ବରିଷ୍ଠ ନାଗରିକ କମିଟି ରେ ସଦସ୍ୟ ମଧ୍ୟରେ କପୁର ଅଗ୍ରୱାଲ, ଗୌରୀ ଶଙ୍କର ଗଡୋଡ଼ିଆ ,ରାକେଶ ନନ୍ଦା, ଡ଼ଃ ପବିତ୍ର କୁମାର ସାହୁ, ଡ଼ଃ ଉମେଶ ଚନ୍ଦ୍ର ଗୁରୁ, ରବିନାରାୟଣ ସାହୁ,ଏବଂ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଗୋଷ୍ଠି ଶିକ୍ଷା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କଲେ ଅଶୋକ କୁମାର ଲାକ୍ରା

ରାଜଗାଙ୍ଗପୁର, ୮/୬(ନି/ପ୍ର): ରାଜଗାଙ୍ଗପୁର ବ୍ଲକ ଏବଂ ପୌର ପାଳିକାର ଗୋଷ୍ଠି ଶିକ୍ଷା ଅଧିକାରୀ ଭାବେ ଅଶୋକ କୁମାର ଲାକ୍ରା ଦାୟିତ୍ୱ ନିର୍ବାହ କରି ଛନ୍ତି । ସେ ଓଡିଶା ଶିକ୍ଷା ସର୍ଭିସ ପ୍ରାପ୍ତ ହେବା ପରେ ରାଜଗାଙ୍ଗପୁର ପି ଏମ ରାଷ୍ଟ୍ରି ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କୁତ୍ରା ବ୍ଲକର ବିଇଓ ଭାବେ ଉପ ଦାୟିତ୍ୱ ନିର୍ବାହ କରି ଥିଲେ । ପରେ ତାଙ୍କୁ ଲେଫିରିପଡା ବ୍ଲକ କୁ ଗୋଷ୍ଠି ଶିକ୍ଷା ଅଧିକାରୀ ଭାବେ ବଦଳି ଆଦେଶ ହେଇଥିଲା ଏବଂ ପରେ ସେଠାରେ ସୁଚାରୁ ଭାବେ କାର୍ଯ୍ୟ ସମ୍ପାଦନ କରିଥିବାରୁ ସୁନ୍ଦରଗଡ଼ ଜିଲ୍ଲା ସଦର ବ୍ଲକ ର ଉପ ଦାୟିତ୍ୱ ବହନ କରି ଆସୁ ଥିବା ଜଣା ଯାଇଛି। ରାଜଗାଙ୍ଗପୁର ଗୋଷ୍ଠି ଶିକ୍ଷା ଅଧିକାରୀ ଭାବେ ବଦଳି ଆଦେଶ ଆସିବା ପରେ ରାଜଗାଙ୍ଗପୁର ବ୍ଲକ ଓ କୁତ୍ରା ବ୍ଲକ ଶିକ୍ଷକମାନଙ୍କ ମଧ୍ୟରେ ବେଶ ଖୁସି ଓ ଉଲଷ ରା ମହଲ ଦେଖିବାକୁ ମିଳିଛି । ରାଜଗାଙ୍ଗପୁର ବ୍ଲକ ଏଠାରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରି ବ୍ଲକ ଏବଂ ପୌର ପାଳିକା ଅଂଚଳର ବିଭିନ୍ନ ସ୍କୁଲ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ବିଭିନ୍ନ ସମସ୍ୟା ସହ ଶିକ୍ଷା କ୍ଷେତ୍ର କୁ ସୁଦୃଢ କରିବା ପ୍ରାଥମିକତା ଦେବେ ବୋଲି ଅନେକ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ସହର ର ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି।